ସୃଜନୀ ପରିବାର (ଚେନ୍ନାଇ )

ଓଡ଼ିଆ ସାହିତ୍ୟ,କଳା ଓ ସଂସ୍କୃତିକୁ ନେଇ
ଏକ ନୂତନ ପରିକଳ୍ପନା......

ପ୍ରଜ୍ଞା ଉତ୍କଳ
ଏପ୍ରିଲ -୨୦୧୯
ଚେନ୍ନାଇ

# ପ୍ରଜ୍ଞା ଉତ୍କଳ

ଓଡ଼ିଆ ନବବର୍ଷ / ବିଷୁବ ବିଶେଷଙ୍କ - ଏପ୍ରିଲ ୨୦୧୯ - ପ୍ରଥମ ସଂସ୍କରଣ



## ପ୍ରଥମ ପଦପାତ

**ଶ୍ରୀ ଆଶୁତୋଷ ସାମନ୍ତ ସିଂହାର**
( ଆଇ ଏଫ ଏସ - ଅବସର ପ୍ରାପ୍ତ )

ସାହିତ୍ୟ ରଚନା ଓ ସାମାଜିକ ରୀତିନୀତି ,ଗୋଟିଏ ପିଢ଼ିରୁ ଭବିଷ୍ୟତର ପିଢ଼ିକୁ ଅନୁଗମନ କରିଥାଏ ଭାଷା ଜରିଆରେ । ଯାହାକି ସଂସ୍କୃତିକୁ ବଞ୍ଚାଇବାରେ ସାହାଯ୍ୟ କରିଥାଏ । ଓଡ଼ିଆ ଭାଷାର ଶବ୍ଦ ରାଜି ଓଡ଼ିଶାର ମାଟି ,ପାଣି ଓ ପବନରୁ ଗ୍ରହଣ କରିଥିବା ଅନୁଭୂତି ଓ ଉପଯୋଗିତା - ଜୀବଜନ୍ତୁ ,ଗଛଲତା ଓ ପରିବେଶ ସହ ସମ୍ବନ୍ଧ ଇତ୍ୟାଦି ଉପାଦାନକୁ ନେଇ ସୃଷ୍ଟି । ଓଡ଼ିଆ ସାହିତ୍ୟର ସମୃଦ୍ଧି ଏହି ଶବ୍ଦ ରାଜି (ଓଡ଼ିଆରେ)ର ବାରମ୍ବାର ବିଭିନ୍ନ ରୂପରେ ସଂଯୋଜନ ,ବିଶ୍ଳେଷଣ ଓ ଗବେଷଣା ଉପରେ ପର୍ଯ୍ୟବସିତ । ଯାହାକୁ ଆମେ ଲୋକସାହିତ୍ୟ କହୁ ,ତାହା ଏକ ସ୍ଥାନର ସାମୁହିକ ସାମାଜିକ ଭାଷା ବର୍ଣ୍ଣନା,ଯଥା ,ପୁରୀର ଭାଷା ,ଭଞ୍ଜନଗରର ଦେଶିଆ ଭାଷା ବା ସମ୍ବଲପୁରୀ ଭାଷା ,ଯାହା ଭାଷାକୁ କରିଥାଏ ହୃଦୟସ୍ପର୍ଶୀ ଓ ମାର୍ମିକ ।

ଭାରତରେ ଯେତେବେଳେ ଏପ୍ରିଲ ୧ ,୧୯୩୬ ରେ ପ୍ରଥମ ଭାଷା ଭିତ୍ତିକ ପ୍ରଦେଶ ଭାବେ ଓଡିଶା ରୂପ ନେଲା ,ସେତେ ବେଳେ ମନେ ହେଉଥିଲା ,ଏଥର ଓଡ଼ିଆ ଭାଷା ଆଉ ଅନ୍ୟମାନଙ୍କ ଦ୍ୱାରା ଅତ୍ୟାଚାରିତ ବା ଅବକ୍ଷୁର୍ଣ୍ଣ ହେବ ନାହିଁ । କିନ୍ତୁ ,ଦେଖାଗଲା ଉପକୂଳିଆ ଖୋର୍ଦ୍ଧା ,କଟକ ,ପୁରୀର ଓଡ଼ିଆ - ଓଡ଼ିଆ ସାହିତ୍ୟର ଭାଷା ଭାବରେ ବଢି ଉଠିଲା ,କୋରାପୁଟ ,ଗଞ୍ଜାମ ଅଞ୍ଚଳର ଦେଶିଆ ,ପଶ୍ଚିମାଞ୍ଚଳ ର ଏବଂ ଉତ୍ତର ଓଡ଼ିଶାର ଭାଷାର ( ଉପ ଭାଷା ବୋଲି କେହି କେହି କହନ୍ତି ) ପ୍ରଚଳନ କମି କମି ଗଲା । ବିଶେଷ କରି ଅସଂଖ୍ୟ ଆଦିବାସୀ ଭାଷା ,ଯହିଁରେ ଅଧିକାଂଶ ମୌଖିକ ଓ ସାମୂହିକ ଭାଷା କ୍ରମେ ଲୋପ ପାଇଗଲା ବା କମି କମି ଗଲା । ଆଦିବାସୀ ଭାଷା ଓ ସଂସ୍କୃତି ଗୋପୀନାଥ ମହାନ୍ତିଙ୍କ 'ପରଜା 'ବା 'ମାଟି ମଟାଳ'ର ବର୍ଣ୍ଣନାରେ ସୀମିତ ଏବଂ ବାହାର ନୃତ୍ତ୍ୱବିତ୍ତଙ୍କ ଖୋରାକ ଭାବେ ରହିଗଲା ।

୧୯୬୦ ପରଠୁ ଓଡ଼ିଶାର ଶିକ୍ଷିତ ଯୁବ ବର୍ଗର ଏକ ବଡ ଅଂଶ ପେଟ ପାଟଣା ଏବଂ ଉନ୍ନତିର ସନ୍ଧାନରେ ଓଡିଶା ମାଟି ଛାଡିଲେ । ଅନ୍ୟ ପଟୁ ଓଡ଼ିଶାରେ ଶିଳ୍ପ ,ବ୍ୟବସାୟ ଆଦି ପାଇଁ ଆଗମନ ହେଲା (ଓଡିଶାକୁ )ଅଧିକରୁ ଅଧିକ ହିନ୍ଦୀ ଭାଷା ଭାଷୀ ବ୍ୟକ୍ତି ମାନଙ୍କର, ବିଶ୍ୱ ଜଗତୀକରଣର ଯଦିଓ ଏହା ଥିଲା ଏକ ଅବଶ୍ୟମ୍ଭାବୀ ଘଟଣା ଚକ୍ର । ଇଂଲିଶ ଓ ହିନ୍ଦୀର ବହୁଳ ବ୍ୟବହାର ଓଡ଼ିଶାରେ ବିଶେଷକରି ଶିକ୍ଷିତ ଓଡ଼ିଆଙ୍କର ଓଡିଆ ଭାଷାର ଦୈନନ୍ଦିନ ବ୍ୟବହାର ,ବିଶ୍ଳେଷଣ ଆଦି ଏବଂ ସର୍ବୋପରି ଆଗ୍ରହ କମି କମି ଆସୁଥିବା ଲକ୍ଷ୍ୟ କରାଗଲା । ଯାହାର ଫଳ ସ୍ୱରୂପ କାବ୍ୟିକ ଶବ୍ଦ ମାଧୁର୍ଯ୍ୟ ,ସ୍ଥାନୀୟ ଲୋକୋକ୍ତି ,ଢଗ ଢମାଳି ,କିମ୍ବଦନ୍ତୀ ଆଦି ତରକାରୀରେ ଲୁଣ ଯେଭଳି ସ୍ୱାଦ ବଢାଏ,ସେଭଳି ଭାଷା ବ୍ୟବହାରରେ କାମ କରୁଥିଲେ ତାହା ସବୁ କମି କମି ଆସିଲା । ଶିକ୍ଷିତ ଉଚ୍ଚ ବର୍ଗ ଘରେ ଓଡ଼ିଆ କ୍ରମେ ଏକ ନିଛକ କାମଚଳା ଶବ୍ଦାବଳିର ସମାହାର ଭାବେ ରହିଗଲା । ଉଦ୍ଭଟ ହିନ୍ଦୀ ଓ ଇଂଲିଶ ଶବ୍ଦ ରାଜି ଯଥା ,ମାହୋଲ ,ଖୁଲାସା ,ଜବରଦସ୍ତି ,ଆଣ୍ଡ ,ଓକେ ଇତ୍ୟାଦି ଟିଭି ଚାନେଲ ଓ ଖବର କାଗଜରେ ଧସେଇ ପଶିଲେ , ଓଡିଶା ସହର ଭୁବନେଶ୍ୱର ,କଟକ ,ବ୍ରହ୍ମପୁର,ରାଉରକେଲା ,ସମ୍ବଲପୁର ଇତ୍ୟାଦିରେ । କିନ୍ତୁ ,ସୁଖର ବିଷୟ ,ଜାଣତରେ ବା ଅଜାଣତରେ,ଯେଉଁ ମାନେ ଓଡିଶା ବାହାରର ବାସିନ୍ଦା ହୋଇଗଲେ , ଯେପରିକି ଦିଲ୍ଲୀ ,ଚେନ୍ନାଇ ,ହାଇଦ୍ରାବାଦ , ମୁମ୍ବାଇ ,କୋଲକାତା ,ବାଙ୍ଗାଲୋର ,ସୁରଟ ଇତ୍ୟାଦିର ଓଡ଼ିଆ ,ସେମାନଙ୍କ ମଧ୍ୟରେ ବଞ୍ଚି ରହିଲା ଓଡିଶା ପୁର ପଲ୍ଲୀର ବିଭିନ୍ନ କଥିତ ଭାଷା ,ଲୋକୋକ୍ତି ଇତ୍ୟାଦି । ସତେ ଯେମିତି ତାଙ୍କ ଗାଁ ଛାଡିବା ସମୟର ଓଡ଼ିଆ ଭାଷା ତାଙ୍କ ସହ ନୂଆ ଜାଗାକୁ ଚାଲିଗଲା ଓ ସମୟ ସ୍ରୋତରେ ଅଟକି ରହିଲା ବିସ୍ଥାପିତ ଓଡ଼ିଆ ଘରେ ବା ଦଳରେ ଏକ ଦ୍ୱୀପ ଭାବରେ ।

## ଆଜର ଅନୁଚିନ୍ତା

ଭୋକ୍ତାର ଯଜ୍ଞ ତପସା ସର୍ବଲୋକ
ମହେଶ୍ୱର , ପରମାତ୍ମେତି ଚାପ୍ୟୋକ୍ତ
ଦେହେସ୍ମିନ୍ ପୁରୁଷଃ ପରଃ !!(ଗୀତା) !!

ଭଗବାନ କହୁଛନ୍ତି -ଯେଉଁ ସମଗ୍ର ଲୋକର ମହେଶ୍ୱର ଯିଏ ସମସ୍ତ ଯଜ୍ଞ ଓ ତପ ଫଳର ଭୋକ୍ତା ସେ ହିଁ ପରମାତ୍ମା ବୋଲି ବିଦିତ । ସେ ସମସ୍ତ ଦେହଧାରୀଙ୍କର ଆତ୍ମା ରୂପରେ ସ୍ଥିତ ଥାଇ ମଧ ଦେହରୁ ପର ବା ଉର୍ଦ୍ଧରେ । ଏହି ଜ୍ଞାନ କେବଳ ମନୁଷ୍ୟ ଶରୀରରେ ହିଁ ଉପଲବ୍ଧି ହୋଇଥାଏ ପଶୁ ଦ୍ବାରା ନୁହେଁ । ମନୁଷ୍ୟ ଜନ୍ମ ପାଇ ଯଦି ଏ ଉପଲବ୍ଧି ନହେଲା ତେବେ ସିଏ ପଶୁ ତୁଲ୍ୟ । ଓଁ ନମୋ ନାରାୟଣାୟ ।।

ସ ଜାୟସେ ମଧମାନଃ | ଋକବେଦର ଏହି ମନ୍ତ୍ର କହୁଛି..... ସେହି ପରମେଶ୍ୱର ପରମାତ୍ମା ଧ୍ୟାନ ରୁପକ ମଥନୀରେ ମନ୍ଥନ କଲେ ପ୍ରକଟ ହୁଅନ୍ତି । ସଚ୍ଚିଦାନନ୍ଦ ପରମେଶ୍ୱର ଜଡ ଚେତନାଦି ସବୁ ବସ୍ତୁରେ ପୁର୍ଣ ଭାବରେ ରହିଛନ୍ତି । ଖିରଭିତରେ ଘିଅ ଅନୁସୃତ ହୋଇରହିଛି ଓ ତାକୁ ବାହାର କରିବାକୁ ହେଲେ ଖିରକୁ ଦହିବସାଇ ମଥିଲେ ଲହୁଣୀ ବାହାରିବ ଓ ସେହି ଲହୁଣୀକୁ ଗରମକଲେ ଘିଅ ବାହାରିବ । ଖିରରେ ଘିଅଥିଲେ ମଧ ଏହା ଯେପରି ଆମକୁ ପ୍ରାପ୍ତ ହୁଏନା , ସେହିପରି ପରମାତ୍ମା ଆମର ଆତ୍ମା ହୋଇ ବସିଥିଲେ ମଧ ସେ ଆମର ଅନୁଭବରେ ଆସୁନାହାନ୍ତି । ତେଣୁ ବେଦ ମନୁଷ୍ୟକୁ ଧ୍ୟାନର ଆଶ୍ରୟ ନେବାକୁ ନିର୍ଦ୍ଦେଶ ଦେଉଛନ୍ତି ଗୀତାରେ ଭଗବାନ ମଧ୍ଯ କହୁଛନ୍ତି ' ତସ୍ମାତ ଧ୍ୟାନଂ ସମାଚରେତ୍ ' ।।

- ଲିଙ୍ଗରାଜ ହୋତା

# ପ୍ରଜ୍ଞା ଉତ୍କଳ

ଏପ୍ରିଲ -୨୦୧୯

ଚେନ୍ନାଇ


ଓଡିଶା ବାହାରର ଓଡ଼ିଆ , ସେମାଙ୍କର ଆଞ୍ଚଳିକ ଭାଷାର ବହୁଳ ବ୍ୟବହାର ,ବିଶ୍ଳେଷଣ ଇତ୍ୟାଦିରେ ଅଧିକରୁ ଅଧିକ ନିମଗ୍ନ ରହିପାରିଲେ ନାହିଁ । ବିଶେଷ କରି ବସବାସ କରି ରହୁଥିବା ସ୍ଥାନର ସାହିତ୍ୟ ଓ ସଂସ୍କୃତି ଓ କଥିତ ଭାଷା ତାଙ୍କ ଦୈନନ୍ଦିନ ଜୀବନରେ ଯୋଗାଯୋଗ ପାଇଁ ଏକ ବିଶିଷ୍ଟ ଅଙ୍ଗ ହୋଇଗଲା ଓ ଓଡ଼ିଆ ଭାଷାର ବ୍ୟବହାରକୁ ସଂକୁଚିତ କରିଦେଲା । ସ୍କୁଲ ,କଲେଜ,ଅଫିସ ,ଦୋକାନରେ ଇଂଲିଶ ଓ ହିନ୍ଦୀର ବହୁଳ ବ୍ୟବହାର ଯୋଗୁଁ ଅନେକ ଶିକ୍ଷିତ ଓଡ଼ିଆ ଓଡ଼ିଆ ଭାଷାରେ ନିଜର ଅଭିବ୍ୟକ୍ତି ବ୍ୟକ୍ତ କରିବାରେ ଅସମର୍ଥ ହେଲେ । ପିଲାମାନେ ଓଡ଼ିଆ ଭାଷାର ବ୍ୟବହାର ,ମା' ବାପାଙ୍କ ସହ ନିହାତି ଦରକାରୀ ଭାବ ବିନିମୟରେ ସୀମିତ ରଖିଲେ । ଆଗରୁ ଅନ୍ତତଃ ହାତ ଲେଖା ଚିଠି ପତ୍ର ଆଦାନ ପ୍ରଦାନ ଯୋଗୁଁ ପତ୍ର ପତ୍ରିକା ପଢାପଢି ଯୋଗୁଁ ଓଡ଼ିଆ ଭାଷାର ବ୍ୟବହାର ବଞ୍ଚି ରହିଥିଲା ,କିନ୍ତୁ ବର୍ତ୍ତମାନର କମ୍ପ୍ୟୁଟର ଏବଂ ମୋବାଇଲ ଫୋନର ବ୍ୟବହାର ,ଫେସବୁକ ,ଇମେଲ ର ଆକ୍ରମଣ ହୁତୁ ହୁତୁ ହୋଇ ବଢିଚାଲିବା ଫଳରେ ବାହାର ଥିବା ଓଡ଼ିଆ ବି ଭାଷାର ବ୍ୟବହାରକୁ ସଂକୁଚିତ କରିଦେଲାଣି ।

ପାରମ୍ପରିକ ଜ୍ଞାନ (traditional knowledge ) ଖାଦ୍ୟ ପଦାର୍ଥ ,ରୋଷେଇ ,କୃଷି , ତୁଟୁକା ଓଷଦ ,ପୂଜା ପାର୍ବଣ ,ବିବାହ ବ୍ରତ ଆଦିରେ ବହୁଳ ଭାବେ ଦେଖିବାକୁ ମିଳେ । ଭାଷା ବ୍ୟବହାର ନ ହେବା ଯୋଗୁଁ ଅନେକ ଆଦିବାସୀ ଭାଷା ,ଯାହାକି ମୁଖ୍ୟତଃ ମୌଖିକ ଭାଷା ଭାବରେ ବ୍ୟବହୃତ ହୋଇଥାନ୍ତି , ସେ ଗୁଡିକ ମରିଗଲେଣି ଓ ତା ସହ ଲୋପ ପାଇଲାଣି ସେମାନଙ୍କ ଅଞ୍ଚଳ ସମ୍ବନ୍ଧୀୟ ପାରମ୍ପରିକ ଜ୍ଞାନ ଭଣ୍ଡାର । ଭାଷା ବିବିଧତା ଭାରତ ସ୍ୱାଧୀନତା ସମୟରେ ଯେତିକି ଥିଲା ,କ୍ରମଶଃ କମିଗଲାଣି । ଭାଷା ଭିତ୍ତିକ ପ୍ରଦେଶ ଗଠନ ସଙ୍ଗେ ସଙ୍ଗେ ମୁଖ୍ୟ ଭାଷା ,ନିକଟସ୍ଥ ଉପଭାଷା ସବୁକୁ ପଛରେ ପକାଇ ,ଆଗେଇ ଚାଲିଲେ ,ଯଥା - ଆଲାହାବାଦୀ ହିନ୍ଦୀ ରାଜଭାଷା ହୋଇଗଲା ; ମୈଥିଳି ,ଭୋଜପୁରୀ ଆଦି ପଛେଇ ଗଲେ ।

ଓଡ଼ିଆ ଅସ୍ମିତା (Identity ) ଓଡ଼ିଆ ଭାଷାକୁ ନେଇ ,ଓଡିଶା ଭୂମିର ପରିଚୟ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାକୁ ନେଇ । ଯଦି ଓଡ଼ିଆ ଭାଷା କତିପୟ ଲେଖକ ଓ ଗବେଷଙ୍କ ମଧରେ ବି ପତ୍ର ପତ୍ରିକା ମଧ୍ୟରେ ସୀମିତ ରହିଯାଏ ଏବଂ ସାଧାରଣ ଓଡ଼ିଆ ମଣିଷ ଓଡ଼ିଆ ଭାଷା ବ୍ୟବହାର ସଂକୁଚିତ କରେ,ତେବେ ଏ ଜାତି ଅଳ୍ପ ଦିନରେ ଲୋପ ହେବାକୁ ବସିବ । ପୃଥିବୀ ପୃଷ୍ଠରେ ବର୍ତ୍ତମାନ ଯେଉଁ ଛ ସାତଟି ଭାଷାର ସୁଦୀର୍ଘ ଐତିହାସିକ ଲିଖିତ ପଦଚିହ୍ନ ରହିଛି ,ତା'ମଧ୍ୟରୁ ଓଡ଼ିଆ ଅନ୍ୟତମ । ଆମର ପୂର୍ବଜମାନେ ଦେଇଯାଇଥିବା ଏଇ ଅନବଦ୍ୟ ଦାନକୁ ସମ୍ଭାଳି ବଞ୍ଚାଇ ରଖିବାରେ ପ୍ରତ୍ୟେକ ଓଡ଼ିଆର ଦାୟିତ୍ୱ ରହିଛି । ଏହା ଯେ କେବଳ ଓଡିଶା ସରକାର ଓ ତାଙ୍କ ଆଇନ କତିପୟ ବିଶ୍ୱବିଦ୍ୟାଳୟ ବା ଗବେଷକ /ଲେଖକ କରିବେ ତାହା ନୁହେଁ । ସାଧାରଣ ଲୋକ (ଶିକ୍ଷିତ /ଅଶିକ୍ଷିତ )ଯଦି ପରିସ୍କାର ଶୁଦ୍ଧ ଓଡ଼ିଆ ଭାଷାର ଅଧିକରୁ ଅଧିକ ବ୍ୟବହାର କରନ୍ତି ,ତେବେ ଏ ଭାଷା ବଞ୍ଚି ରହିବ ଏବଂ ତତ ସହ ଓଡ଼ିଶାର ଗାଁ ଗହଳର ପାରମ୍ପରିକ ଜ୍ଞାନ କୌଶଳ ।

ଯେ କୌଣସି ଭାଷାର ସମୃଦ୍ଧି ସ୍ଥାନୀୟ ମାଟି,ପାଣି, ପବନ ,ଗଛପତ୍ର ,ଜୀବଜନ୍ତୁ ଓ ସ୍ଥାନୀୟ ସମୁଦାୟର ସଂସ୍କୃତି ଦ୍ୱାରା ଶୋଭା ବର୍ଦ୍ଧିତ ହୋଇଥାଏ । ଚେନ୍ନାଇରେ ଓଡ଼ିଆ ଭାଷା ,ତାମିଲ ଭଳି ସମୃଦ୍ଧ ଭାଷା ଓ ସଂସ୍କୃତିର ସମାହାରରେ ନିଶ୍ଚୟ ସମୃଦ୍ଧ ହୋଇପାରିବ । କୂପ ମଣ୍ଡୁକତ୍ୱ ଭୁଲି ବିଶ୍ୱଜଗତୀକରଣ ରେ ଓଡ଼ିଆ ତା' ଓଡ଼ିଆ ଭାଷାର କୋଣାର୍କ ଗଢିପାରିବ ।

ସାମ୍ପ୍ରତିକ ସମାଜରେ ,ଓଡିଶା ବାହାରେ ରହୁଥିବା ଓଡ଼ିଆ ଭାଷାରେ ଲେଖାଲେଖି କରୁଥିବା ପ୍ରତିଭା ସବୁକୁ ଲୋକ ଲୋଚନକୁ ଅଣାଇବାରେ ଆମର ଏଇ କ୍ଷୁଦ୍ର ଅଭିଯାନ କ୍ଷୁଦ୍ର ଏକ ପଦପାତରୁ ଆରମ୍ଭ ମାତ୍ର । ପ୍ରିୟ ପାଠକ ସମୂହର ଆଗ୍ରହ ଏହି ପ୍ରଚେଷ୍ଟାରେ ପାଥେୟ ହେବ ।


ମୁଖ୍ୟ ସମ୍ପାଦକ

**ପ୍ରଜ୍ଞା ଉତ୍କଳ**

ଚେନ୍ନାଇ,ତାମିଲନାଡୁ (ଭାରତ)


## ଶ୍ରୀମଦ୍ ଭଗବଦ୍ ଗୀତା

## ( ଧାରାବାହିକ )

**ପ୍ରଥମ ଅଧ୍ୟାୟ,ଅର୍ଜୁନ ବିଷାଦଯୋଗ:**

**ଶ୍ଳୋକ - ୩୧ :-**

**ନିମିତ୍ତାନି ଚ ପଶ୍ୟାମି**
**ବିପରିତାନି କେଶବ ,**
**ନ ଚ ଶ୍ରେୟୋ{ନୁପଶ୍ୟାମି**
**ହତ୍ୱା ସ୍ୱଜନମାହବେ ।**

**ଅର୍ଥ :-**

ହେ କେଶବ ! ମୁଁ ବିପରିତ ଲକ୍ଷଣ ସବୁ ଦେଖୁଅଛି ।କିନ୍ତୁ ଯୁଦ୍ଧରେ
ଆତ୍ମୀୟସ୍ୱଜନମାନଙ୍କୁ ବିନାଶ କଲେ
କି ଫଳ ହେବ ତାହା ଦେଖୁ ନାହିଁ ।

**ବ୍ୟାଖ୍ୟା :-**

ବାହାର ଲୋକ ଜଣେ ମରିଗଲେ
କିମ୍ବା ମରିଯିବାର ଖବର ଶୁଣିଲେ
ମନରେ ସେତେଟା ପ୍ରତିକ୍ରିୟା ସୃଷ୍ଟି
ହୁଏ ନାହିଁ ।
କଥାରେ ଅଛି –
"ପରପୁଅ ମଲା ନା ରୋଗ ବାହାରେ
ବାହାରେ ଗଲା "
କିନ୍ତୁ ଯଦି ନିଜର ପରିଚିତ କିଏ ଜଣେ ଲୋକ
ମରିଯାଏ ତା'ପାଇଁ
ମନରେ ଗଭୀର ଦୁଃଖ ହୁଏ ।
ପୁଣି ଯଦି ଆତ୍ମୀୟ ଜଣେ ମରି
ଯିବାର ଶୁଣାଯାଏ ତେବେ ଆଖିରୁ
ମନକୁ ମନ ଲୁହ ଝରିପଡେ ।
ଏହି ସତ୍ୟକୁ ଅନୁଭବ କରି
ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହୁଛନ୍ତି -
ଏ ଯୁଦ୍ଧରେ ନିଶ୍ଚୟ ଅନ୍ୟମାନଙ୍କ
ସହିତ ନିଜ ଲୋକ ବି ମରିବେ ।
ତେଣୁ ଏହି ଦାରୁଣ ଦୁଃଖକୁ ମୁଁ
ସହି ପାରିବ କି ନାହିଁ ମୁଁ ଜାଣି
ପାରୁନାହିଁ ।


**ସୌରଭ କୈଳାଶଚନ୍ଦ୍ର ବେହେରା**

# କେବେ ହେବ ଓଡ଼ିଆ ଅସ୍ମିତାର ପୁନଃଜାଗରଣ !

## ସୂର୍ଯ୍ୟମଣି ମିଶ୍ରଙ୍କ ପ୍ରତିବେଦନ



ବିବିଧ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଓଡ଼ିଶା ସବୁ ଥାଇ ମାନସିକ ହୀନମନ୍ୟତାର ଶିକାର ହୋଇ ପ୍ରତିଦିନ ଖୋଜୁଛି ସହାୟତା। ଓଡ଼ିଶାରେ ରହିଛି ୯ ପ୍ରକାର କୃଷିଭିତ୍ତିକ ପାଣିପାଗ। ୬୦ରୁ ଅଧିକ ପ୍ରକାର ଅନନ୍ୟ ଜନଜାତି ସମୁଦାୟ। ଓଡ଼ିଆ ଖାଦ୍ୟ-ବସ୍ତ୍ରର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଆ ସ୍ଥାପତ୍ୟ ଓ ଶିଳ୍ପ କଳାର ବୈଶିଷ୍ଟ୍ୟ ମଧ୍ୟ ବିଶ୍ୱ ଦରବାରରେ ବିଦିତ। ଓଡ଼ିଆ ଭାଷା ପ୍ରାଚୀନ ଭାଷା। ଶାନ୍ତି ଓ ଅହିଂସାର ପ୍ରାଚୀନ ପୀଠ ଆଜି ବି ବିଶ୍ୱସମୁଦାୟକୁ ଓଡ଼ିଆ ଜାତିର ବୈଶିଷ୍ଟ୍ୟର ପ୍ରମାଣ ଦିଏ। ଭାଷା, ସଂସ୍କୃତି, ସାହିତ୍ୟ ଓ ଐତିହ୍ୟ ଓଡ଼ିଶାର ବେଶ୍ ସମୃଦ୍ଧ। କିନ୍ତୁ ଆଜି ବି ଓଡ଼ିଆ ସନ୍ତାନ ବିଚ୍ଛିନ୍ନାଞ୍ଚଳରେ ନିଜ ଅସ୍ମିତାକୁ ଖୋଜୁଛନ୍ତି। କାହିଁକି ଏପରି ଦୁର୍ଦ୍ଦଶାରେ ପୀଡ଼ିତ ଓଡ଼ିଶା ? କେବେ ହେବ ଓଡ଼ିଆ ଅସ୍ମିତାର ପୁନଃଜାଗରଣ ? କେବେ ବଳିଷ୍ଠ ହେବ ରାଜନୈତିକ ଇଚ୍ଛାଶକ୍ତି। କେବେ ଓଡ଼ିଆ ସନ୍ତାନ ନିଜର ହୃତ ଗୌରବକୁ ଫେରାଇ ଆଣିବା ପାଇଁ ସମର୍ଥ ହେବେ ? ଓଡ଼ିଶା ଦାରିଦ୍ର୍ୟରୁ ମୁକ୍ତି ପାଇବ ? ୮୪ତମ ଉତ୍କଳ ଦିବସ ପାଳନ ଅବସରରେ ଏଭଳି ଅନେକ ପ୍ରଶ୍ନ ଆଜି ସଚେତନ ଓଡ଼ିଆଙ୍କ ମନରେ ଉଙ୍କି ମାରିଛି।

୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ପରିଚୟ ପାଇଥିଲା। ସେତେବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ନେଇ ଯେଉଁ ପ୍ରଶ୍ନ ଉଠିଥିଲା, ଆଜି ବି ସେହି ପ୍ରଶ୍ନ ଲକ୍ଷ ଲକ୍ଷ ଓଡ଼ିଆଙ୍କ ମନରେ ଆନ୍ଦୋଳିତ ହେଉଛି। ଆଜି 'ଉତ୍କଳ ଦିବସ' ପାଳନ ପାଇଁ ପ୍ରତ୍ୟେକ ଓଡ଼ିଆ ନିଜ ଅସ୍ମିତାର ସୁରକ୍ଷା ପାଇଁ ସଜାଗ ହେଉଛନ୍ତି। ଏହି ସମୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟର ସାର୍ ଜନ୍ ହବାକ୍‌ଙ୍କ ସେଦିନର ଟିପ୍ପଣୀ ଆଜି ମନେପଡୁଛି। ସାର୍ ଜନ୍ ହବାକ୍ ଥିଲେ ଓଡ଼ିଶାର ପ୍ରଥମ ବଡ଼ଲାଟ। ଏହା ପୂର୍ବରୁ ସେ ଥିଲେ ଓଡ଼ିଶାର କମିଶନର। ସେ ବ୍ୟାଙ୍କ ଏନ୍‌କ୍ୱାରୀ କମିଟିର ଅଧ୍ୟକ୍ଷ ଭାବେ ସେହି ସମୟର ଓଡ଼ିଶା ଲୋକଙ୍କର ଉତ୍କଟ ଦାରିଦ୍ର୍ୟ, ଭୀଷଣ ଋଣ ଭାର ଓ ଶୋଚନୀୟ ଅବସ୍ଥାର ଚିତ୍ର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଆଜି ଆମେ ଉତ୍କଳ ପ୍ରଦେଶ ଗଠନର ୮୪ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ହବାକ୍‌ଙ୍କ ସେଦିନର ରିପୋର୍ଟ ଆଜି ଦିନରେ ମଧ୍ୟ ଦେଖିବାକୁ ମିଳୁଛି। ଆଜି ବି ଉତ୍କଟ ଦାରିଦ୍ର୍ୟରେ ପୀଡ଼ିତମାନେ ଭିଟାମାଟି ଛାଡ଼ି ଲକ୍ଷାଧିକ ସଂଖ୍ୟାରେ ବାହାର ରାଜ୍ୟ ଏବଂ ଦେଶ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଆଜି ବି ଓଡ଼ିଶା ସରକାର ଋଣ ଭାରରେ ବୁଡ଼ି ରହିଛନ୍ତି। ଭାଷା ଆନ୍ଦୋଳନ ଆଜି ମଧ୍ୟ ଚାଲୁରହିଛି। ସୁଭାଷ ପଟ୍ଟନାୟକଙ୍କ ଭଳି ହଜାର ସଂଖ୍ୟକ ଭାଷାପ୍ରେମୀ ପ୍ରତିଦିନ କଳାପତାକା ଅଭିଯାନ ଚଳାଇ ରଖିଛନ୍ତି। ବିଭିନ୍ନାଞ୍ଚଳରେ ଥିବା ଓଡ଼ିଆମାନଙ୍କ ଦୁଃଖ ଦୂର ହୋଇପାରିନି, ବରଂ ଅପରିବର୍ତ୍ତିତ ସ୍ଥିତିରେ ରହିଛି। ଓଡ଼ିଶାର ୮୨ ପ୍ରତିଶତ ଲୋକ ଏବେ ବି ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ନିଜକୁ ଅନ୍ତର୍ଭୁକ୍ତ କରିଛନ୍ତି।

ଏହା ସୂଚାଇ ଦେଉଛି ଯେ ସେଦିନର ଓଡ଼ିଶା ଅର୍ଥାତ ୮୩ ବର୍ଷ ତଳେ ଯେପରି ଦୁଃଖ ଦୁର୍ଦ୍ଦଶାର ବଳୟରେ ଥିଲା, ଆଜି ବି ସେହି ସ୍ଥିତିରୁ ମୁକୁଳି ପାରିନି। ଓଡ଼ିଆ ଲୋକଙ୍କ ଆଖିର ଲୁହ ଏବେ ବି ବହୁଛି। କିଏ ରାଜ୍ୟ ବାହାରେ ଦାଦନ ଶ୍ରମିକ ଭାବେ ଲୁହ ଝରାଉଛି ତ ଆଉ କିଏ ବିଚ୍ଛିନ୍ନାଞ୍ଚଳରେ ନିଜ ଭାଷା ସଂସ୍କୃତିକୁ ଖୋଜି ଖୋଜି ଲୁହ ବୁହାଉଛି। ଓଡ଼ିଆ ଶିଶୁ ଲକ୍ଷାଧିକ ସଂଖ୍ୟାରେ ଦାରିଦ୍ର୍ୟ ଯୋଗୁଁ ବିଦ୍ୟାଳୟ ପିଣ୍ଡାରେ ପାଦ ଥାପି ନପାରି ହୋଟେଲ୍, ଢାବା, ଇଟାଭାଟିରେ ଅବା ଘରୋଇ ଶ୍ରମିକ ଭାବେ ଜୀବନ ବିତାଉଛନ୍ତି।

କେନ୍ଦୁଝରର ବଡ଼ବିଲ୍ ଠାରୁ ସୁନ୍ଦରଗଡ଼ର ରାଉରକେଲା, ରାୟଗଡ଼ାରୁ ମୟୂରଭଞ୍ଜ ଭଳି ବହୁ ଅଞ୍ଚଳରୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଆଜି ହଜି ହଜି ଯାଉଛି। ଓଡ଼ିଆ ଭାଷା ବ୍ୟବହାରରେ ନିଯୁକ୍ତିର ସୁଯୋଗ ନାହିଁ। ତେଣୁ ଏହି ଭାଷା ପ୍ରତି ଆଦର କମି କମି ଯାଉଥିବା ବେଳେ ସରକାର ମଧ୍ୟ ଓଡ଼ିଆ ଭାଷା ଓ ଓଡ଼ିଆ ଅସ୍ମିତାର ବିକାଶ ଦିଗରେ ଯେପରି ପଦକ୍ଷେପ ନେବାକଥା, ତାହା ନେଉନାହାନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ହୋଇଛି, ଅନ୍ୟ ବିଶ୍ୱବିଦ୍ୟାଳୟରେ ଚେୟାର୍ ପ୍ରତିଷ୍ଠା ହୋଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ ଖୋଲାଯାଇଛି। ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ସରକାରୀ ଇଚ୍ଛାଶକ୍ତିର ଅଭାବ ଯୋଗୁ ଓଡ଼ିଆ ଅସ୍ମିତା ପ୍ରତି ପ୍ରଶ୍ନବାଚୀ ଦେଖାଦେଇଛି।

ଉତ୍କଳଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ୱପ୍ନର ଓଡ଼ିଶା ଆଜି ବି ଅଧୁରା ସ୍ଥିତିରେ। ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଓଡ଼ିଶାରେ ନିଜକୁ ଯୋଡ଼ି ପାରୁନାହାନ୍ତି। ଆଜି ବି ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟ କବଳରେ ଓଡ଼ିଶାର ଭୂଭାଗ ମୁକ୍ତ ହୋଇପାରିନି। ଚାଲିଛି ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତିକୁ ବିଲୋପ କରିବା ପାଇଁ ଷଡ଼ଯନ୍ତ୍ର। ଓଡ଼ିଶାର ୮୦ ଭାଗରୁ ଅଧିକ ଲୋକ ଆଜି ବି ସ୍ୱାବଲମ୍ବୀ ହୋଇପାରିନାହାନ୍ତି। ଓଡ଼ିଆ ସ୍ୱାଭିମାନକୁ ନେଇ ବଞ୍ଚିବାର ସ୍ଥିତିରେ ନିଜକୁ ଛିଡ଼ା କରିପାରିନାହାନ୍ତି। ଏହି ସଂଖ୍ୟକ ଲୋକଙ୍କର ରାତିପାହିଲେ ଖାଦ୍ୟ ଚିନ୍ତାରୁ ନିଜକୁ ମୁକ୍ତ କରିପାରିନାହାନ୍ତି। ଗୋଟିଏ ପଟେ ଭାଷା, ସାହିତ୍ୟ, ସଂସ୍କୃତି, ରୋଜଗାର ପ୍ରଦାନ ପାଇଁ ସହାୟକ ହୋଇପାରି ନଥିବାବେଳେ ଅନ୍ୟପଟରେ କୁଟୀର ଶିଳ୍ପ ଲୋପ ପାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କୃଷିକ୍ଷେତ୍ର ନିଶ୍ଚିତ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିନାହିଁ। ଆଜି ଯେତେବେଳେ ବର୍ଷକୁ ଥରଟିଏ ଆମେ ଆମର ଉତ୍କଳ ପ୍ରଦେଶ ଗଠନର ଇତିହାସକୁ ସ୍ମରଣ କରୁଛନ୍ତି, ସେହି ସମୟରେ ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ସହ ପ୍ରତ୍ୟେକ ଓଡ଼ିଆ ଯେପରି ଓଡ଼ିଆ ସ୍ୱାଭିମାନକୁ ନେଇ ବଞ୍ଚିବ, ସେଥିପ୍ରତି ଜାଗରଣ ସୃଷ୍ଟି କରିବାର ସମୟ ଆସିଛି। ବିତର୍କ ପାଇଁ ବର୍ଷକର ଗୋଟିଏ ଦିନ ନୁହେଁ, ଏକାଧିକ ଦିବସରେ ଆମେ ଆମର ଅସ୍ମିତାକୁ ବଜାୟ ରଖିବା ପାଇଁ ଏବଂ ଆମେ ସମସ୍ତେ ସବୁ ଓଡ଼ିଆ ଯେପରି ସ୍ୱାଭିମାନର ସହିତ ସ୍ୱାବଲମ୍ବୀ ହୋଇ ସମ୍ମାନର ସହ ବଞ୍ଚିପାରିବା ସେଥିପାଇଁ ସମ୍ମିଳିତ ପ୍ରୟାସ ସହ ବିତର୍କର ପରିସରକୁ ବ୍ୟାପକ ଭାବେ ପ୍ରସାରିତ କରିବା ଅବଶ୍ୟମ୍ଭାବୀ ହୋଇପଡ଼ିଛି। ପ୍ରତ୍ୟେକ ଓଡ଼ିଆ ମୁହଁରେ ଯେପରି ଶୁଣିବାକୁ ମିଳିବ- 'ବନ୍ଦେ ଉତ୍କଳ ଜନନୀ...' ? ପ୍ରବାସୀ ଓଡ଼ିଆ ସତରେ ଓଡ଼ିଶା ପାଇଁ ଗର୍ବ, ଗୌରବ ଭାବେ ଦଣ୍ଡାୟମାନ। କିନ୍ତୁ ଓଡ଼ିଶା ଯଦି ସଶକ୍ତ ଓ ସମୃଦ୍ଧ ହେବା ସହ ନିଜ ଅସ୍ମିତାର ପୁନଃଜାଗରଣ ପାଇଁ ଅଣ୍ଟା ଭିଡ଼ନ୍ତା, ତେବେ ନିଶ୍ଚୟ ପ୍ରବାସୀ ଓଡ଼ିଆ ଜାତିର ଟେକକୁ ଉର୍ଦ୍ଧ୍ୱକୁ ତୋଳିଧରିବା ପାଇଁ ହାତକୁ ହାତ ମିଳାଇ ପାରନ୍ତା। କେବେ ଏନେଇ ଜାଗରଣ ସୃଷ୍ଟି ହେବ, ତାହାହିଁ ଆଜିର ପ୍ରଶ୍ନ।

ଭୁବନେଶ୍ୱର / ମୋବାଇଲ : ୯୪୩୮୦୦୬୨୧୫

# ଆମ ଶିଶୁ ଓ ଆମେ : ଏକ ସଂକ୍ଷିପ୍ତ ଅନୁଶୀଳନ

**ଡକ୍ଟର ଦିଗରାଜ ବ୍ରହ୍ମା**

ଅନେକ ସମୟରେ ଅଭିଯୋଗ ଆସେ ଯେ, ଯେତେ ସୁନ୍ଦର ଗପ କହିଲେବି ପିଲାଟି କିଛି ସମୟ ପାଇଁ ଶୁଣେ । ପରେ ପରେ ଅନ୍ୟମନସ୍କ ରହେ । ଏପରି କଥା ଅନେକ ସମୟରେ ଆପଣମାନେ ମଧ୍ୟ ଲକ୍ଷ୍ୟ କରୁଥିବେ । କେହି କେହି ମଧ୍ୟ ପିଲାଙ୍କ ଉପରେ ବିରକ୍ତ ହେଉଥିବେ । ବର୍ତ୍ତମାନ ପ୍ରଶ୍ନ ଉଠୁଛି , "ଏପରି ଘଟେ କାହିଁକି ?

ସାଧାରଣତଃ ଗପ ଶୁଣୁଥିବା ପିଲା ଅପେକ୍ଷା ଗପ କହୁଥିବା ବ୍ୟକ୍ତିଜଣଙ୍କର ଗପ କହିବାର ପଦ୍ଧତି ଓ ଶୈଳୀ ସଂପର୍କରେ ଟିକିଏ ଧାରଣା ରହିବା ଦରକାର । ଅବଶ୍ୟ ସେଥିପାଇଁ ବେଶୀ ପାଠ କିମ୍ବା ବହି ପଢ଼ିବାର ଆବଶ୍ୟକତା ନାହିଁ । ଗପଟି କହିଲା ବେଳେ ଶିଶୁକୁ ମଝିରେ ମଝିରେ ଗଳ୍ପ ସମ୍ପର୍କିତ ପ୍ରଶ୍ନଟିଏ ପଚାରିବା ଦରକାର। ଯେମିତି " ବିଲୁଆ କ'ଣ କହିଲା?" , "କାହା ପିଠିରେ ମାଙ୍କଡ଼ଟି ବସିଲା?", କିମ୍ବା "ମୂଷା ଛୁଆଟି ସିଂହକୁ କ'ଣ କହି ତାକୁ ନ ମାରି ଛାଡ଼ିଦେବା ନିମନ୍ତେ କହିଲା?"
ଏସବୁ ହେଉଛି କଥୋପକଥନ ପ୍ରଣାଳୀ । ଏପରି ପ୍ରଣାଳୀରେ ଅତୀତରେ ବୁଢ଼ୀମାଆ ନାତି ନାତୁଣୀମାନଙ୍କୁ ଗପ କହୁଥିଲେ । ସେମାନଙ୍କ ମନରେ ଗପପ୍ରତି ଆଗ୍ରହ ମଧ୍ୟ ସୃଷ୍ଟି କରୁଥିଲେ ।

ଏତତ୍ ବ୍ୟତୀତ ଅନ୍ୟ ଏକ ଆବଶ୍ୟକତା ହେଉଛି ଗପ କହିଲାବେଳେ ଗପରେ ଥିବା ଚରିତ୍ର ଓ ବିଷୟବସ୍ତୁ ଅନୁଯାୟୀ ନିଜର ସ୍ୱରକୁ ଗୋଟିଏ ସ୍ତରକୁ ନେଇ ଅନ୍ୟ ଏକ ସ୍ତରକୁ ଯିବା, ଅର୍ଥାତ ସ୍ୱରର ଆବଶ୍ୟକ ପରିବର୍ତ୍ତନ (modulation of voice) କରିବା । ତାହାହେଲେ ପିଲାଟି ସେହିସବୁ ଚରିତ୍ର ମଧ୍ୟରେ ନିଜକୁ ସହଜରେ ହଜେଇ ଦେଇଥାଏ । ବିଷୟବସ୍ତୁର ଗତିଶୀଳତା ଜାଣିବାକୁ ଆଗ୍ରହ ପ୍ରକାଶ କରିଥାଏ ।
ସବୁଠାରୁ ବଡ ମହତ୍ତ୍ୱପୂର୍ଣ୍ଣ କଥାହେଲା ଶିଶୁଟିର ଏକାଗ୍ରତା । ଏହି ଏକାଗ୍ରତା ସହିତ ଶିଶୁଟିର ବୟସ ଓ ଆମେ କହୁଥିବା ବିଷୟବସ୍ତୁ ସମ୍ପର୍କିତ । ଗୋଟିଏ ତିନି ବର୍ଷର ପିଲାଟିର ଏକାଗ୍ରତା ଯାହା, ଗୋଟିଏ ଚାରିବର୍ଷର ପିଲାଟିର ଏକାଗ୍ରତା ତାହାନୁହେଁ । ପିଲାଟିର ଏକାଗ୍ରତାର ଅବଧି ଲକ୍ଷ୍ୟ କରି ଗପର ବିଷୟବସ୍ତୁ ସାଧାରଣତଃ ଲେଖାଯାଇଥାଏ । ଗପ କହିବାକୁ ମଧ୍ୟ ପରାମର୍ଶ ଦିଆଯାଇଥାଏ ।
ସେଥିପାଇଁ ବୟସ ଅନୁସାରେ ଶିଶୁମାନଙ୍କ ଗପର ଅବଧି ସାଧାରଣତଃ ୫ ମିନିଟରୁ ୧୦ ମିନିଟ ମଧ୍ୟରେ ରଖିବାକୁ କୁହାଯାଇଥାଏ । ଗପକହୁଥିବା ବ୍ୟକ୍ତି ଜଣକ ସେଥିପାଇଁ ବେଶୀ ଦୃଷ୍ଟି ଦେଇଥାଆନ୍ତି । ସେ ଗପ କହିବାର ସମୟ ଅଳ୍ପ ବେଶୀ ବା କମ କରି ପାରନ୍ତି ।ଏହା ପିଲାଟିର ରୁଚି ଓ ଆଗ୍ରହ ଦେଖି ପରିବେଷଣ ହେବା ବିଧେୟ ।
ଏହି ସବୁ ଦୃଷ୍ଟି କୋଣକୁ ଆଖି ଆଗରେ ରଖି ପିଲାଟିକୁ ଗପ କୁହାଯାଇଥାଏ । ସେଥିପାଇଁ କୌଣସି ଉଚ୍ଚଶିକ୍ଷା କିମ୍ବା ଶିଶୁମନସ୍ତତ୍ତ୍ୱରେ ଡିଗ୍ରୀ ହାସଲ କରିବାର ଆବଶ୍ୟକତା ଅନୁଭୂତ ହୁଏନାହିଁ ।

**ବ୍ରହ୍ମା ନିବାସ, ମହାବୀର ବିହାର, କଳାରାହାଙ୍ଗ, ଭୁବନେଶ୍ୱର -୨୪**

# ରସଗୋଲ୍

ଦେବେନ୍ଦ୍ର ଚୌଧରୀ

'ଠ'ଟିଏ ପରି ଗୋଲ ଗୋଲ ଦେହ
ମିଠା ଦୋକାନ ମୋ' ଗାଆଁ
ଅତି ପରିଚିତ ସଭିଙ୍କ ପାଖେ ମୁଁ
ରସଗୋଲା ମୋର ନାଆଁ । ୧ ।

ଗୁଡ଼ିଆ ଭାଇର କାଚଘର ଟିରୁ
ଝଟକି ଉଠେ ମୋ' ମୁହଁ
ଛୋଟ ଠାରୁ ବଡ ଏମିତି କେ' ମୋତେ
ଭଲ ନ ପାଏ ଯେ କୁହ ! । ୨ ।

ସକାଳ ହେଉ କି ସଞ୍ଜବେଳ ହେଉ
କଥା ମୋର ଯେବେ ପଡେ
ଖାଇବାକୁ ମୋତେ ଖୋଜନ୍ତି ସଭିଏଁ
ଓଠରୁ କା' ଲାଳ ପଡେ । ୩ ।

ମିଠେଇ -ଜିଲାପି-ଛେନାପୋଡ଼ -ଗଜା
ସରବେ ମୋଅର ସାଙ୍ଗ
ସାଙ୍ଗ ମେଳେ ଥାଇ ନିମିଷକେ ମୁହିଁ
ମନ କିଣି ନିଏ ଆଗ । ୪ ।

ତୁଣ୍ଡେ ଦେବାପାଇଁ ଶରଧାରେ ମୋତେ
ଦେଲେ ଖାଲି ଥରେ ଛୁଇଁ
ଲଚପର ସିରା ବୋହିପଡ଼େ ଦେହୁ
କେତେ ଖୁସି ହୁଏ ମୁହିଁ ! । ୫ ।

ଦେଖିଚି ,ଚାଖିଚି ଥରେ ଯିଏ ମୋତେ
ସେ' କାହୁଁ ପାରିବ ଭୁଲି
ଖାଉଥିଲେ ମୋତେ ଖୁସିରେ ଖୁସିରେ
ଛାତି ଉଠୁଥାଏ ଫୁଲି । ୬ ।

କଥା ମୋର ଶୁଣି ତୁମ ଓଠୁ ପିଲେ
ଲାଳ ପଡିବଣି ଝରି
' ରସଗୋଲା 'ମୁଁ ଯେ ମନ୍ତରଟେ ଜାଣେ
ନିଏ ସବୁ ମନ ହରି । ୭ ।

ଡି / ୨୦୦ ,କୋଏଲ ନଗର
ରାଉରକେଲା -୧୪ ,ସୁନ୍ଦରଗଡ

# ଚିନ୍ତା ଓ ଚେତନା

**ତ୍ରିଲୋଚନ ପଣ୍ଡା**

**(୧)**
ଧରା ଧରଣୀରେ ତରୁ ଗହଣରେ
ଦୁବଘାସ ମୋ ଜୀବନ
ପଶୁଗଣଂକର ସୁଖର ଆହାର
ଦୁଃଖୀଜନ ସୁଖାସନ॥

**(୨)**
ଶିଶିର ବିନ୍ଦୁରେ ଭିଜି ଶିରେ ଶିରେ
ବୁଣିଚାଲେ ଶୀତଳତା
ଶିରୀ ଚମକାଏ ସବୁରି ବଦନେ
ଭରିଦେଇ ସରସତା॥

**(୩)**
ଗାଈ ତୁଣ୍ଡେ ଥିଲେ ଦେବ ମୁଣ୍ଡେ ଥିଲେ
ମନେ ମୋର ସମ ଭାବ
ଯା ମନ ଯେମିତି ସେ କରେ ସେମିତି
ଭାବିଲେ କିଛି କି ହେବ॥

**(୪)**
ଯେତେ ଯା ବତାସ ହତାସ ନିରାଶ
ବହିଛି ବହୁଛି ଭବେ
କେହି ପାରିବନି ମୋଠାରୁ ବଳି
କଳି ସବୁ ଅନୁଭବେ॥

**(୫)**
ମୋଅରି ଉପରେ ଆଜି ଯେ ସଂସାରେ
ବୁଲୁଥାଏ ଥାଳ ଧରି
କାଲି ଯେବେ ଦେଖେ ବଂଚିଛି ସେ ସୁଖେ
ମୋ ଦେହ ଉଠେ କଅଁଳି॥

**(୬)**
ବିପରୀତ ଭାବେ ସିଂହାସନ ଯେବେ
କାହାରି ଉଜୁଡି ଯାଏ
ମୋ ନରମ ଦେହ ସେ ଲୋକର ଲୁହ
ନିରବରେ ପିଉଥାଏ॥

**(୭)**
ପଚାରିଲେ କେହି ଜୀବନ କେମିତି
କହିବି ଅମାପ ସୁଖ
ଆପଣା ମନରେ ସୁଖ ଚାବିକାଠି
ନ ଖୋଜିଲେ ସବୁ ଦୁଃଖ॥

---------------------------------------------

**ଭୁବନେଶ୍ୱର /**
**ଫୋନ – ୯୪୩୯୧୯୭୫୬୦**

**ଡ଼ଃ କୁମରମଣି ସାହୁ**

ପାଣିର ଫୋଟକା ପରି ଏ ଜୀବନ
ଆତ୍ମା ଏକମାତ୍ର ନିତ୍ୟ
ସେ ଆତ୍ମ ତତ୍ତ୍ୱକୁ ଅନୁଭବ କର
ତାହା ହିଁ ଏକା ଶାଶ୍ୱତ **।୧ ।**

ସେଥିପାଇଁ ବହୁ ପୁଣ୍ୟ ଫଳେ ଏହି
ଦୁର୍ଲ୍ଲଭ ଶରୀର ପାଇ
ଅନନ୍ତ ସୁକୃତି ଫଳରୁ ସଦଗୁରୁ
ଆତ୍ମ ତତ୍ତ୍ୱଜ୍ଞାନ ଦେଇ **।୨ ।**

ଅଣହେଳା କରି ବୁଡ଼ାଅନା ଭେଳା
ବେଳହୁଁ ଜାଗ୍ରତ ହୁଅ
ଆତ୍ମ ସ୍ୱରୂପରେ ନିମଜ୍ଜିତ ହୋଇ
ବ୍ରହ୍ମାନନ୍ଦ ସୁଖ ପାଅ **।୩ ।**

ହ୍ମାନନ୍ଦ ଏକା ପରମ ସୁଖଦ
ଅନ୍ୟ ସୁଖ ତ ନଶ୍ୱର
କିଛି କ୍ଷଣ ରହି ଶୂନ୍ୟରେ ମିଳାଏ
ଯେସନେ ପାଣିର ଗାର **।୪ ।**

ଜ୍ଞାନ ସ୍ୱରୂପ ମୁଁ ନିରାକାର ବ୍ରହ୍ମ
ତିନି କାଳେ ସ୍ଥିର ରହିଛି
ମୋର ପ୍ରକାଶରେ ଏ ମାୟା ଜଗତ
ଆଭାସିତ ସିନା ହେଉଛି **।୫ ।**

ଯାହା ଦିଶୁଅଛି ସବୁଠାରେ ମୋର
ସତ୍ତାକୁ ଯେ ଦେଖି ପାରଇ
ଜ୍ଞାନ ନେତ୍ର ସିନା ଖୋଲିଛି ତାହାର
ଚର୍ମ ନେତ୍ରେ କିବା ଦିଶଇ !।୬ ।

କ୍ଷୀରରେ ଯେପରି ଲହୁଣୀ ରହିଛି
ଫୁଲରେ ଭରିଛି ସୁବାସ
ତିଳରେ ଯେପରି ତେଲ ଥାଏ ପୂରି
ଆଖୁରେ ରହିଥାଏ ରସ **।୭ ।**

ସେହିପରି ମୁହିଁ ରସଘନ ହୋଇ
ସବୁଠିଁ ସମାନ ଭାବରେ
ବ୍ୟାପି ରହିଅଛି ଜ୍ଞାନୀ ଚିହ୍ନେ ମୋତେ
ଜଳ ଓ ଲହରୀ ବେଭାରେ **।୮ ।**

------------------------------------

**ପୂଜାରୀପୁଟ,କୋରାପୁଟ**



# ଓଡିଆ ସାହିତ୍ୟରେ ଅଣୁ ଗଳ୍ପର ଯାତ୍ରା :

## ଜ୍ୟୋତିଷୀ ଗଣନା

ମଣିପୁରର ରାଜା ଚନ୍ଦ୍ରସେଣଙ୍କର ଜ୍ୟୋତିଷ ଶାସ୍ତ୍ର ଉପରେ ଅଗାଧ ବିଶ୍ୱାସ ଥିଲା । ଥରେ ସେ ପଡ଼ୋଶୀ ରାଜା ସହିତ ଯୁଦ୍ଧ କରିବାକୁ ମନସ୍ଥ କଲେ । ତେଣୁ ଯୁଦ୍ଧ ପୂର୍ବରୁ ଜ୍ୟୋତିଷମାନଙ୍କୁ ଡକାଇ ଭବିଷ୍ୟତ ଫଳ ଜାଣିବାକୁ ଚାହିଁଲେ । ଜ୍ୟୋତିଷମାନେ ରାଜାଙ୍କ ଜାତକ ଗଣନା କରି କହିଲେ, "ଆପଣଙ୍କ ଜାତକର ଗ୍ରହ ଗଣନାରୁ ମନେହୁଏ ଆପଣ ଶତ୍ରୁ ଦ୍ୱାରା ପରାଜିତ ହେବେ ।"

ଏ କଥା ଶୁଣି ରାଜା ଆଉ ଯୁଦ୍ଧପାଇଁ ମନ ବଳାଇଲେ ନାହିଁ ।

ବର୍ଷେ ପରେ ମନ୍ତ୍ରୀ ଦିନେ ରାଜାଙ୍କୁ ଜ୍ୟୋତିଷମାନଙ୍କ କଥା ମନେ ପକାଇଦେଇ କହିଲେ, "ମହାରାଜ, ଜ୍ୟୋତିଷମାନେ କହିଥିଲେ ଯେ ଗତବର୍ଷ ଆପଣଙ୍କର ଶତ୍ରୁ ହାତରେ ପରାଜୟ ହେବାର ଯୋଗ ଅଛି । କିନ୍ତୁ ଆପଣ ଗତବର୍ଷ ଯୁଦ୍ଧ ବି କଲେ ନାହିଁ କି ପରାଜୟ ମଧ୍ୟ ହେଲାନାହିଁ ।" ଏ କଥା ଶୁଣି ରାଜାଙ୍କର ଜ୍ୟୋତିଷମାନଙ୍କ ଉପରୁ ବିଶ୍ୱାସ ତୁଟିଗଲା ।

**-- ସୌଜନ୍ୟ "ଜହ୍ନମାମୁ" --(୧୯୭୯) ୪୦ ବର୍ଷ ତଳର**

---

## ଅତି ସତର୍କ

ଦୋକାନୀ ଦୋକାନ ଖୋଲିଥାଏ । ସେତିକିବେଳେ ଦେଖିଲା ଭିକାରିଟିଏ ତା' ଦୋକାନ ଆଗରୁ କିଛି ଗୋଟିଏ ଜିନିଷ ଉଠାଇ ନେଉଛି । ତାହା ଗୋଟାଏ ଟଙ୍କା ଭଳି ଦେଖାଗଲା । "ଆବେ, ମୁଁ ବଡ଼ ସତର୍କ । ସେ ଟଙ୍କା ମୋ ଅଣ୍ଟାରୁ ଖସି ପଡ଼ିଥିଲା । ମୋତେ ଦେଇଦେ ।" ଦୋକାନୀଟି ଧମକାଇ କହିଲା ।

"ନାଇଁ ଆଜ୍ଞା; ଇଏ ଆଉ କାହାରି ହୋଇଥିବ । ମୁଁ ଗରିବ ଲୋକ, ମୋତେ ମିଳିଗଲା ।" ଭିକାରିଟି କହିଲା ।

କିନ୍ତୁ ଦୋକାନୀ ଛାଡ଼ିବା ଲୋକ ନୁହେଁ । ଶେଷକୁ ଏଇ ନିଷ୍ପତ୍ତି ହେଲା ଯେ, ଦୋକାନୀଟି ତାକୁ ଆଠଣିଟିଏ ଦେଲେ ଭିକାରି ଟଙ୍କାଟି ଦେଇଦେବ । ସେଇଆ ହେଲା ।

କିଛି ସମୟ ପରେ ଦୋକାନୀର ସ୍ତ୍ରୀ ଆସି ଦୋକାନ ଆଗରେ କ'ଣ ଖୋଜୁଥିବାର ଦେଖାଗଲା । ବୁଝିବା ବେଳକୁ ସାନପୁଅ ଟଙ୍କାଟିଏ ଆଣି ଖେଳୁଥିଲା; କେଉଁଠାରେ ଗଳାଇ ପକେଇଛି ।

"ହେଇଟି ସେ ଟଙ୍କା ।" ଦୋକାନୀ କହିଲା । କିନ୍ତୁ ଦେଖିଲା ବେଳକୁ ଭିକାରି ଯାହା ଦେଇଗଲା, ସେ ଗୋଟିକ ଜାଲ୍ ଟଙ୍କା । ସେ ନେଇଯାଇଛି ଅସଲ ଟଙ୍କାଟି । ତହିଁ ଉପରେ ଆଠଅଣା ଲାଭ ମଧ୍ୟ !

**-- ସୌଜନ୍ୟ "ଜହ୍ନମାମୁ" –"ଜହ୍ନମାମୁ" ପତ୍ରିକାରୁ ଉଦ୍ଧୃତ ଅଣୁଗଳ୍ପ**

## ଚାକୁଣ୍ଡା ବୁଣିଲେ ଉଠଇ ନାହିଁ

### ଯଦୁମଣି ମହାପାତ୍ର

ରାଜା ବିନାୟକ ଯଦୁମଣିଙ୍କୁ ଜମି ଖଣ୍ଡିଏ ନିଷ୍କରରେ ଦେବାକୁ ରାଜ କଚେରିର ବେବର୍ତ୍ତା ପଟ୍ଟନାୟକଙ୍କୁ ଆଦେଶ ଦେଲେ। ଦିନ ପରେ ଦିନ ଅତିବାହିତ ହେଲା। ଯଦୁମଣି ଜମି ପାଇବା ଲାଳସାରେ ବେବର୍ତ୍ତାଙ୍କୁ ପାଞ୍ଚ ଦଶଥର ଜଣାଇଲେ। ଏପରି ଭାବରେ ବର୍ଷଟିଏ ଚାଲିଗଲା। ଶେଷକୁ ସେ ରାଜାଙ୍କୁ ଜଣେଇବେ ବୋଲି କହିବାରୁ ବେବର୍ତ୍ତା ଅତି ନିକୃଷ୍ଟ ଢ଼ିପ ଜମି ଖଣ୍ଡିଏ ଲେଖିଦେଲେ।

ଜମି ଦେଖିବାକୁ ଯାଇ ଯଦୁମଣି ହତାଶ ହୋଇ ଫେରିଲେ। ଯେଉଁ ଜମି ତାଙ୍କୁ ଦିଆଯାଇଥିଲା, ତାହା ବହୁକାଳରୁ ପତିତ ହୋଇ ପଡ଼ିଥିଲା। ସେଥିରେ କୋଡ଼ିଏ ପଚିଶ ବର୍ଷ ଧରି କେହି ଫସଲ କରି ନଥିଲେ। ବହୁକାଳ ପୂର୍ବେ କନ୍ଧ କେତେ ଘର, ତାହା ଫସଲ ଲାଗି ତିଆରି କରି ଫସଲ ନ ହେବାରୁ ଛାଡ଼ି ପଳାଇଥିଲେ।

ଯଦୁମଣି ଗୋଟାଏ କିଏ ? ତାକୁ ପୁଣି ଜମି ନିଷ୍କର ଜାଗିରରେ ଦିଆଯିବ, ଏହା ବେବର୍ତ୍ତା ପଟ୍ଟନାୟକ ଏକା କୁହନ୍ତି, ରାଜକର୍ମଚାରୀ କେହି ଜଣେ ହେଲେ ସହିପାରିଲେ ନାହିଁ। ତେଣୁ 'ସାପ ନ ମରୁ ବାଡ଼ି ନ ଭାଙ୍ଗୁ' ରୀତିରେ ତାଙ୍କୁ ଜମି ଖଣ୍ଡିକର ଲେଖା ଦିଆଗଲା।

ଦାରିଦ୍ର୍ୟ ନିପୀଡ଼ିତ ଯଦୁମଣି ସେ ଜମି ବା ନେଇ କ'ଣ କରିବେ ? ତେଣୁ ସେ ଏକାନ୍ତ ଅସନ୍ତୁଷ୍ଟ ହୋଇ ରାଜାଙ୍କୁ ଲେଖି ଗୋଟିଏ କବିତାରେ ଜଣେଇଲେ :

**ଦେଉ ଆଜ୍ଞା ହେଲେ ହରଷେ**

**କରଣ ତା' କଲେ ବରଷେ**

**ବାଛି ବାଛି କରି ଦେଲେ ପଡ଼ିଆ**

**ଶ୍ରାବଣ ମାସରେ ଭାଙ୍ଗେ ନଡ଼ିଆ**

**ଏମନ୍ତ ସେ ଭୂଇଁ**

**ଚାକୁଣ୍ଡା ବୁଣିଲେ ଉଠଇ ନାହିଁ ।**

ରାଜା ଏ କବିତା ପାଠକରି କ୍ରୋଧରେ ଅଜ୍ଞାନ ହୋଇ ବେବର୍ତ୍ତାଙ୍କୁ ଡକାଇ ତିରସ୍କାର କରିବାରୁ, ତୁରନ୍ତ ଉତ୍କୃଷ୍ଟ ବାହଲମଡ଼ା ଭୂସମ୍ପତ୍ତି ଖଣ୍ଡିଏ ଉକ୍ତ ଡିପ ଜମି ବଦଳରେ ତାଙ୍କୁ ଦିଆଗଲା। ବେବର୍ତ୍ତା ଏହା ଫଳରେ ଦୀର୍ଘ ତିନି ମାସ ଧରି ଛାମୁଁ ମନା ହୋଇ ରହିଲେ।

---

## ମାଡ଼ ଓ ଜାତି

ଗୋଟିଏ ବଜାରରେ ଜଣେ ସୁନା ବେପାରି ଦୋକାନ ପାଖକୁ ଲାଗି ଜଣେ ଲୁହା-କାରିଗର ଦୋକାନ ଥାଏ । ଦିନେ ସୁନାରି ଖଣ୍ଡିଏ ସୁନା ଉପରେ ହାତୁଡ଼ି ପିଟୁଥିବା ସମୟରେ ଟିକିଏ ସୁନା ଛିଟିକି ଯାଇ ପାଖ ଦୋକାନର ଖଣ୍ଡିଏ ଲୁହା ନିକଟରେ ପଡ଼ିଲା ।
"କିହୋ ଭାଇ ! ତୁମ ଘର ଛାଡ଼ି କ'ଣ ଏଠି ?" ଲୁହାଖଣ୍ଡକ ପଚାରିଲା ।

"ଆରେ ଭାଇ ମୋତେ ଯିଏ ହାତୁଡ଼ିରେ ପିଟୁଛି; ସେ ଗୋଟିଏ ତଳ ଜାତିର ଟୋକା । ସେଥିପାଇଁ ମୋର ଏତେ ଦୁଃଖ ।" ସୁନା କହିଲା ।

"ହାୟ ! ମୋ ଦୁଃଖର କାରଣ, ମୋତେ ଯିଏ ପିଟୁଛି ସେ ମୋ ନିଜ ଜାତିର । ଉଚ୍ଚ ଜାତିର ଲୋକ ହୋଇ ମଧ୍ୟ ସେ ଏମିତି ନିର୍ମମ କାହିଁକି ଭାବି ମୁଁ ମାନସିକ ଯନ୍ତ୍ରଣା ଭୋଗୁଛି ।" ଲୁହା କହିଲା ।

ଏବେ ଉଭୟେ ବୁଝିଲେ ଯେ ପିଟା ଖାଇବାର ଯନ୍ତ୍ରଣା ହିଁ ଯଥେଷ୍ଟ କଷ୍ଟକର । ତହିଁ ଉପରେ ପୁଣି ପିଟିବା ଲୋକର ଜାତିକୁ ନେଇ ବେଶି ଯନ୍ତ୍ରଣା ଅନୁଭବ କରିବାର କିଛି ମାନେ ହୁଏନା

**-- ସୌଜନ୍ୟ "ଜହ୍ନମାମୁଁ" –"ଜହ୍ନମାମୁଁ" ପତ୍ରିକାରୁ ଉଦ୍ଧୃତ ଅଣୁଗଳ୍ପ**

# ଅନୁରକ୍ତି

**ଲକ୍ଷ୍ମୀନାରାୟଣ ମହାନ୍ତି**

ବୈଶାଖର ପ୍ରଚଣ୍ଡ ରୌଦ୍ର। ବାବାଙ୍କ ଅସୁସ୍ଥତାରେ ବିବ୍ରତ ହୋଇ ମୋ ସ୍ତ୍ରୀ ଓ ପିଲାମାନେ ଘରକୁ ଚାଲି ଯାଇଛନ୍ତି।
ମୁଁ ଏଠି ଏକା । ହୋଟେଲ୍‌ରେ ଖାଉଥାଏଁ।
ମନ ଭଲ ନଥାଏ। ନିତି ଡାକକୁ ଅନାଇ ବସିଥାଏଁ।
ହଠାତ୍ ଦିନେ ତାର ପାଇଲି – ବାବା ଆଉ ନାହାଁନ୍ତି।
ଚାକର ହୋଟେଲ୍‌ରୁ ଭାତ ଧରି ପହଞ୍ଚିଲା।
କହିଦେଲି " ଫୋପାଡ଼ି ଦେ।"
କ୍ଷୁତ୍‌ପ୍ରପୀଡ଼ିତ ଜରାବ୍ୟାଧିଗ୍ରସ୍ତ କୁକୁରଟି ମହା ଆନନ୍ଦରେ ସେତକ ଉଦରସ୍ଥ କରିଦେଲା।

ସେହି ଦିନଠାରୁ ବୁଲା କୁକୁରଟି ମୋ ଦାଣ୍ଡ ପିଣ୍ଡାରେ ଶୋଇ ରହିଥାଏ। ମୁଁ ଥାଏ ବା ନ ଥାଏଁ।
x x x x x x x x

ବାବାଙ୍କ ଅନ୍ତେଷ୍ଟି- କ୍ରିୟା ସମାପନ କରି କର୍ମକ୍ଷେତ୍ରକୁ ପୁନରାଗମନ କଲି।
ଅନ୍ଧାର ଦ୍ରୁତ ଗତିରେ ମାଡ଼ି ଆସୁଥାଏ।
ଦୁଆର ମୁହଁରେ କୁକୁରଟି 'ଭୋ' 'ଭୋ' ରଡ଼ି କଲା।
ମତେ ଚିହ୍ନିପାରି ସେଟା ତୁନି ହେଲା।
x x x x x x x x

ଭାଇଟି ମୋର ଏତେ ଦିନେ ସବ୍‌ଡେପୁଟି ଚାକିରି ପାଇଛି।
ମୋର ଅଜସ୍ର ଅର୍ଥ ବ୍ୟୟ ସାର୍ଥକ ହୋଇଛି।

x x x x x x x x

ରବିବାର।

ଗସ୍ତରେ ଯିବାଲାଗି ତରତର ହେଉଛି।
ଖାଇ ବସିଛି। ଚାକର ଖଣ୍ଡେ ଚିଠି ବଢ଼େଇ ଦେଲା।
ଭୋଜନ ଶେଷ ନକରି କୁତୁହଳ ପରବଶ ହୋଇ ଚିଠିଟି ତୁରନ୍ତ ଖୋଲି ପକାଇଲି।

ଗୃହିଣୀ ଲେଖିଛନ୍ତି-" ପ୍ରବୃଦ୍ଧକୁ ଏତେ ଟଙ୍କା ଖର୍ଚ୍ଚ କରି ପଢ଼ାଇଥିବାର ଭାବ ପାଅ। ଦି ଦିନ ହେଲା ଆସି ସମ୍ପତ୍ତି ବାଡ଼ି ଭାଗବଣ୍ଟା କରିଦେବା ଲାଗି ମୋ ସାଙ୍ଗରେ ଜିଗର ଧରି ବସିଛି। ମତେ ଶୋଇ ବସେଇ ଦଉ ନାହିଁ। ତୁମେ ଛୁଟି ନେଇ ଶୀଘ୍ର ଆସିବ।"

ଅଲକ୍ଷ୍ୟରେ ମୋ ଆଖିରୁ ଦୁଇ ଟୋପା ଲୁହ ଗଡ଼ି ପଡ଼ିଲା।
ଆଉ ଖାଇ ହେଲା ନାହିଁ। ହାତ ଧୋଇ ପକାଇଲି।
କୁକୁରଟି ଦୁଆର ମୁହଁରେ ଶୋଇ ରହି ଲାଙ୍ଗୁଡ଼ ହଲାଉଥାଏ।

---

୧୯୪୪ ମସିହାରେ ସେତେବେଳର ଚର୍ଚ୍ଚିତ ସାହିତ୍ୟ ପତ୍ରିକା 'ସହକାର'ରେ ଏହି ଗପଟି ପ୍ରକାଶିତ ।

# ଦଉଡ଼

## ଗୋପୀନାଥ ମହାନ୍ତି

ସମୁଦ୍ରର ବାଲିପନ୍ତା ଉପରେ ସେ ଗୋଟାଏ ଲମ୍ବ ଲତା, ତା ଚେର ପାଇଁ ମାଟି ନାହିଁ, ଖାଲି ଘୁଙ୍ଗା ବାଲି, ମିଠା ପାଣି ନାହିଁ। ସମୁଦ୍ରର ଉଚ୍ଛୁଳା ଲୁଣିପାଣି, ତଥାପି ସେ ବି ଗୋଟିଏ ଶାଗୁଆ ଛନଛନିଆ ଉଦ୍ଭିଦ। ନାଁ ତା'ର ଗୁଡ଼କଙ୍କ।

କିଏ କାହିଁକି ତାକୁ ଚାହୁଁ ଚାହୁଁ ଗୁଡ଼ କଥା ଭାବିଥିଲା ତା ଜଣା ନାହିଁ, ଝିଙ୍କକାଠି ପରି ଠିଆ ଠିଆ ଲମ୍ବ ଲମ୍ବ, ଶୁଖିଲା ବାବୁଲ୍ କଣ୍ଟା ପରି ସରୁ ସରୁ ଆଉ ନିରସ, ଆକୃତିରେ କଦମ୍ବ ଫୁଲ ପରି, ଆକାରରେ ଫୁଟ୍‌ବଲ୍, ସେହି ତା'ର ଫୁଲ, କେତେବେଳେ କଢ଼ ଧରେ କେତେବେଳେ ଫୁଟେ ଆଉ ଶୁଖେ, ତା'ପରେ ଗୋଟାଛାଏଁ ସେହି କଣ୍ଟାଳିଆ ପିଣ୍ଡୁଳା କେତେବେଳେ ବୃନ୍ତଚ୍ୟୁତ ହୁଏ, ଏଣେ ତେଣେ ଧାଇଁବୁଲେ। ଗୁଡ଼କଙ୍କ କହିଲେ ଆଖି ଆଗରେ ଉଭା ହୁଏ ସେହି ଶୁଖିଲା ଟାଆଁସିଆ ସରୁ ସରୁ କଣ୍ଟା କାଠିଖଞ୍ଜା ଫୁଲଟିମାନ। କଣ୍ଟାମୁନରେ ଭରାଦେଇ ଭୂଇଁ ଉପରେ ଠିଆ ହୋଇଥାନ୍ତି, କେତେବେଳେ ତାଙ୍କ ଦେହରେ ଲାଗେ ସାମାନ୍ୟତମ ପବନର ହାବୁକା, ହଠାତ୍ ଦୌଡ଼ନ୍ତି। ଟଳି ଟଳି ଦୌଡ଼ିଲାବେଳେ, ଅନାଇଁଲେ ଲାଗେ ସତେ ଅବା ସେଗୁଡ଼ାକ କଣ ଜୀଅନ୍ତା ପ୍ରାଣୀ, ନିଜ ଇଚ୍ଛାରେ ନିଜ ନିଷ୍ପତ୍ତି ପ୍ରକାରେ ଦୌଡ଼ନ୍ତି ଅଥବା ବିଶ୍ରାମ କରନ୍ତି। ଏଠିକି ଯାଆନ୍ତି କି ସେଠିକି ଯାଆନ୍ତି, ପରାଧିନ ନୁହଁନ୍ତି, ସ୍ୱାଧୀନ।

ଦି'ପହର ଗଡ଼ିଆସୁଥାଏ। ନିଛାଟିଆ ବାଲିପନ୍ତା। ଶାଗୁଆ ସମୁଦ୍ର ମଠେଇ ମଠେଇ ଗଡ଼େଇ ଲାଗିଥାଏ କାଚପରି ଢେଉ। ମୁଁ ଯେଉଁଠି ବସିଥାଏ ସେପଟେ ଚଢ଼େଇଟିଏ ବି ଉଡୁ ନଥାଏ। ଖାଲି ବାଲି, ପାଣି, ଉପରେ ଆକାଶ, ଦ୍ରଷ୍ଟା ଏକା ମୁଁ।

ସେତିକିବେଳେ ମୁଁ ଲକ୍ଷ କଲି ସେମାନଙ୍କୁ। ବାଲିବନ୍ତ ଉପରେ ଧାଡ଼ି ହୋଇ ସାତଟି ଗୁଡ଼କଙ୍କ ଫୁଲ। ସେମାନେ ସତେକି ନିଶ୍ୱାସ ରୋଧି ଉତ୍ସୁକ ହୋଇ ଅପେକ୍ଷା କରିଥିଲେ, ସେଉଠୁ କାହା ନିର୍ଦ୍ଦେଶ ପାଇଲେ କେଜାଣି ଦୌଡ଼ିବାକୁ ଆରମ୍ଭ କଲେ। ଭାରି ଉତ୍ସାହ ଲାଗୁଥାଏ ସେ ଦଉଡ଼ ଦେଖିବାକୁ। ଏକା ସମୟରେ ଏକାଠି ସେମାନେ ବାହାରିଛନ୍ତି, ସତେ ଯେମିତି ଏକା ଦିନ ଏକା ମୁହୂର୍ତ୍ତରେ ଏ ସଂସାରରେ ଜନ୍ମ ହୋଇଥିବା ସାତଟି ଛୁଆ। ଏକା ଜୀବନ- ଦ୍ୟୋତନାରେ ପ୍ରତ୍ୟେକ ପରିଚାଳିତ, ସତେ ଅବା ସମାନ ସୁଯୋଗ ସୁବିଧା ସମସ୍ତିଙ୍କର। ସେମିତି ସମସ୍ତଙ୍କ ସାମ୍ନାରେ ପଟା ପରି ବାଲି ଲମ୍ବିଛି, ଅଟକେଇବାକୁ କିଛି ନାହିଁ।

ଅଳ୍ପବାଟ ଯାଇ ଗୋଟାଏ ମାଦଳ ହୋଇ ପଡ଼ି ରହିଲା। ଆଉ ଟିକିଏ ଗଲାରୁ ଦି'ଟା ଅଲଗା ଅଲଗା ହୋଇ ଗଡ଼ି ଗଲେ ସମୁଦ୍ର ପାଣିକି, ଆଉ ଖଣ୍ଡେ ଆଗରେ ଆହୁରି ଗୋଟାଏ ଅଟକିଗଲା। ଆହୁରି ଚାଲିଥାନ୍ତି ତିନିଟା, ହଠାତ୍, ଗୋଟଏ ଉପରକୁ ଉଠିଗଲା ଆଉ ଶୂନ୍ୟେ ଶୂନ୍ୟେ କୁଆଡ଼େ ଉଡ଼ି ଉଡ଼ି ଚାଲିଗଲା। ଦଉଡ଼ୁଥାନ୍ତି ଦି'ଟା, ଗୋଡ଼ିଆଗୋଡ଼ି ଆଗ ପଛ ଜଣେ ଆଉ ଜଣକୁ ଛୁଏଁ ନ ଛୁଏଁ। ଆଗଟାର କଣ ବିଗିଡ଼ିଗଲା ସେ ଅଟକିଗଲା। ଚାଲିଥାଏ ପଛଟା ଟଳିଟଳିକା, ସାତଜଣ ବାହାରିଥିଲେ, ଚାଲିଛି ସେ ଏକୁଟିଆ। କେହି ତା'ର ପ୍ରତିଦ୍ୱନ୍ଦି ବି ନାହାଁନ୍ତି।

ହଠାତ୍ ପଛରୁ ବିଜୁଳି ବେଗରେ ଧାଇଁ ଧାଇଁ ଆଇଲା ଆଗେ ଟଳି ପଡ଼ିଥିବା ଭିତରୁ ଗୋଟାଏ। କି ପରିବର୍ତ୍ତନ ତା'ଠିଁ। କଳ୍ପନାତୀତ। ଅଳ୍ପ ସମୟ ପରେ ଆଗର ଗୁଡ଼କଙ୍କକୁ ଟପି ଆଗେ ଆଗେ ଦୌଡ଼ିଲା।

କେଉଁଠି ଏ ଦଉଡ଼ା ଦଉଡ଼ିର ଶେଷ ମୁଁ ଜାଣିପାରିଲି ନାହିଁ। ଆଜି ଆଗ କାଲି ପଛ, ଆଜି ତଳେ କାଲି ଉପରେ।

ଚାହିଁ ରହିଥିଲି। ସମୁଦ୍ର ଫୁଲଷ୍ତରା ମାରି ଉଠିଲା, ଲହଡ଼ି ଗଡ଼େଇଲା। କୂଳ ଉପରକୁ, ଆହୁରି ଉପରକୁ। ଗୁଡ଼କଙ୍କମାନଙ୍କ ଦଉଡ଼ ଖେଳରେ ବାଲି ବି ଗଲା ବୁଡ଼ି। ଗୋଟାଏ ଯୁଗ ଶେଷ ହେଲା।

---

କଥନିକା :

# ବୁଝାମଣା, ନାରୀ-ପୁରୁଷର

ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ

ଧୀରେ ଧୀରେ ବୋହୁଥିଲା ପବନ । ପବନର ସ୍ପର୍ଶ ପାଇ ଦୋଳି ଖେଳିବାରେ ଲାଗିଥିଲା ପାଖୁଡ଼ା ମେଲି ଫୁଟିଥିବା ଫୁଲଟି ଫୁଲ ଦେହରୁ ବିଚ୍ଛୁରିତ ହେଉଥିଲା ସୁବାସ । ପ୍ରତ୍ୟେକ ପାଖୁଡ଼ାରେ ତାର କିଏ କେଜାଣି ଭରି ଦେଇଥିଲା ଅପୂର୍ବ ରୂପ ଲାବଣ୍ୟ । ପ୍ରଜାପତି ନିଜ ଡେଣାର ସୌନ୍ଦର୍ଯ୍ୟକୁ ଫୁଲର ସୌନ୍ଦର୍ଯ୍ୟ ସହ ତଉଲିବା ପାଇଁ ମଝିରେ ମଝିରେ ଫୁଲ ଉପରେ ବସି ପଡୁଥିଲା । ଏତିକି ବେଳେ ସୁଯୋଗ ଉଣ୍ଡି ପବନ ପ୍ରଶ୍ନ କଲା ଫୁଲକୁ -" ତୁମେ ଏଇ ଯେଉଁ ଅସାମାନ୍ୟ ରୂପକାନ୍ତି ନେଇ ଫୁଟି ଉଠିଲ, ତୁମକୁ ମାଳି ମନ୍ଦିରକୁ ନେବାକୁ ତତ୍ପର ହେଲାବେଳେ ରସିକ ତୁମକୁ ନେଇ ରସ ହାଟକୁ ଯିବାକୁ ବ୍ୟଗ୍ର ହେଲା । ରସିକ , ଭାବୁକ, ପ୍ରେମିକ ଓ କବି ତୁମକୁ ନେଇ କଳ୍ପନାର ସୁଅରେ ବୁଡିଲେ, ସେ ଅପୂର୍ବ ରୂପକାନ୍ତି ତୁମ ଦେହରେ ଭରି ଦେବାପାଇଁ ତୁମର ପିତା ରୂପୀ ବୃକ୍ଷକୁ ମାଟି ଉପରେ ଛିଡା ହେବାକୁ ଶକ୍ତି ଦେଇ ଯିଏ ମାଟି ତଳେ ରହି ନିରନ୍ତର ରସ ଏବଂ ଆବଶ୍ୟକ କାରକ ଯୋଗାଇ ଚାଲିଛି , ସେ ଚେରକୁ ତୁମେ କେବେ ଦେଖିଛ ? "

"ନା, ଦେଖିନାହିଁ । ହେଲେ ସେଇ ନେପଥ୍ୟ ନାୟକଙ୍କ ବାବଦରେ ପତ୍ର, ଶାଖା, ଡାଳ ପରି ମୋର ସାଥିମାନଙ୍କଠୁଁ ଅନେକ ବାର ଶୁଣିଛି । ସବୁବେଳେ ସେ ଚାପଗ୍ରସ୍ତ ଅବସ୍ଥାରେ ରହି ପ୍ରଚଣ୍ଡ ଗ୍ରୀଷ୍ମରେ ବି ମାଟିର ଗଭୀରତମ ପ୍ରଦେଶରୁ କିପରି ନିଜେ ଅପ୍ରକାଶ୍ୟ ଭାବରେ ଆମ ସମସ୍ତଙ୍କୁ ସେ ବଞ୍ଚାଇ ରଖନ୍ତି, ମୁଁ ସବୁ ଶୁଣିଛି । ହଁ, ରାତି ଗଭୀର ହେଲା ପରେ , ସଂସାରର କୋଳାହଳ ସବୁ ଥମିଗଲା ପରେ ତାଙ୍କ ଦ୍ବାରା ସଂଗୃହୀତ ଓ ପ୍ରେରିତ ପ୍ରତ୍ୟେକ ଜଳବିନ୍ଦୁରେ ମୁଁ ପଢ଼ିଛି ତାଙ୍କ ଆତ୍ମାର ସ୍ଵର , ଆତ୍ମଲିପି । ମୋତେ ନେଇ ସଂସାରରେ କେତେ ଚର୍ଚ୍ଚା, ଆଲୋଚନା ଓ ପ୍ରସଂଶା । ହେଲେ ସେ ତ ନିନ୍ଦା ଓ ପ୍ରଶଂସାର ଉର୍ଦ୍ଧ୍ବ ରେ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ସେ ଚିର ପ୍ରଣମ୍ୟ । ହେଲେ ସେ ତ ମାଟି ତଳେ , ମୁଁ ମାଟି ଉପରେ । ଆମ ଦୁହିଁଙ୍କର ଗତି ଓ ବୃଦ୍ଧିର ଧର୍ମ ଅଲଗା । ମୁଁ ତାଙ୍କୁ ମୋର ଏଇ ଗୋଟିଏ ଦିନର ଆୟୁଷ ଭିତରେ ଦେଖିପାରିବି ବା କେମିତି ? " ଫୁଲ ଦୁଃଖରେ ଉତ୍ତର ଦେଲା । ଦୁଃଖ ଭିତରେ ବି ଫୁଟି ଉଠୁଥିଲା ଚେରକୁ ନେଇ ତାର ବିପୁଳ ଗର୍ବ ଓ ଗୌରବବୋଧ ।

ପରଦିନ ସକାଳ । ପରିବେଶ ବେଶ୍ ସ୍ଥିର, ଶାନ୍ତ, ସ୍ନିଗ୍ଧ । ମାଟିକୁ ଛୁଉଁଥିଲା ସୂର୍ଯ୍ୟଦେବଙ୍କର ପହିଲି କିରଣ । ମାଟି ତଳେ ସାଇତା ଥିବା କେଉଁ ଏକ ଜଳସ୍ତରର ସନ୍ଧାନ ପାଇଥିଲା ଚେରଟି । କିଛି ଦିନ ଧରି ସେଇ ସ୍ତରରୁ ଚେର ବୃକ୍ଷ ପାଇଁ ଆବଶ୍ୟକ ରସ ସଂଗ୍ରହ କରୁଥିଲା ବେଳେ ମାଟି ପଚାରିଲା ଚେରକୁ -"ଆଚ୍ଛା, ତୁମେ ତ ମୋ କୋଳ ଭିତରେ ରହି ନିରନ୍ତର ତୁମ କର୍ତ୍ତବ୍ୟରେ ଲାଗି ରହିଲ । ତେଣେ ଗଛରେ ଲାଗିଲାଣି ବସନ୍ତ ଉତ୍ସବ । କେତେ ରୂପ, ରସ ଓ ଗନ୍ଧ ନେଇ ଗଛରେ ଫୁଟିଲାଣି ଫୁଲ । ତୁମଠାରେ ସେ ଖବର ଅଛି ? ତୁମେ ସେ ଅନନ୍ୟା ରୂପ ଯୌବନା ଫୁଲଟିକୁ ଥରେ ଦେଖିବାର ସୁଯୋଗ ପାଇଛ ?" ଏତେ ଦିନର ନୀରବତା ଭାଙ୍ଗି ଚେର ଟିକିଏ ହସିଲା ଆଉ କହିଲା -" ନା । ଆକାଶ ଆଉ ପୃଥିବୀର ମାୟା ତୁଟାଇ ମୁଁ ତ ଆଜନ୍ମ ସମାଧିସ୍ଥ । ଫୁଲକୁ ମୁଁ ଆଉ ଦେଖିଲି କେତେବେଳେ? ହେଲେ ସେ ତ ମୋର ସ୍ୱପ୍ନ ଆଉ ବିଶ୍ୱାସର ଧ୍ୱଜାଟିଏ । ସେ ମୁକୁଳିତ ହେଲେ ହିଁ ମୋର ଶ୍ରମ ସାର୍ଥକ । ସେ ହିଁ ତାର କୋମଳ ତନୁରେ ଝଡ, ବର୍ଷା, ବାଆ, ବତାସ, ବଜ୍ର, ବିଜୁଳି ଓ ପ୍ରଚଣ୍ଡ ନିଦାଘକୁ ସାମ୍ନା କରି ମୋ ବୃକ୍ଷ ସଂସାର ପାଇଁ ଆପଣା ଆୟୁଷକୁ ବାଜି ଲଗାଇ କ୍ରମେ ଫଳବତୀ ହୁଏ । ମୋ ବଂଶଲତାକୁ ନୂତନ ସମ୍ଭାବନାର ବୀଜଟିଏ ଦେବାପାଇଁ ସେ ତାର ଅକାଳ ମୃତ୍ୟୁକୁ ବାରିନିଏ ସିନା । ଏ ତ୍ୟାଗର ମୂଲ୍ୟକୁ କଣ ମୁଁ ମାଟିତଳେ ଥାଇ ମାପି ପାରିବି? ମୁଁ ସେ ମହିୟସୀ ଫୁଲକୁ ଫୁଟିଥିବା ଅବସ୍ଥାରେ ଦେଖିନାହିଁ ସତ, ହେଲେ ମଉଳି ଯାଇ ମାଟିରେ ଝଡି ପଡିବା ପରେ ବି ତାର ସେଇ ଝରା ପାଖୁଡ଼ାରୁ ଶୁଣିଛି ପରିତୃପ୍ତିର ହସ । "

---

**ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,**
**ଆର୍ ଜେ କଲେଜ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍**
**ଚାନ୍ଦିପୁର ରୋଡ, ବାଲେଶ୍ଵର**
**ମୋ :୯୪୩୭୮୩୪୯୬୪**

---

# ଓଡିଶା ତାହାର ନାମ

ଜୟଶ୍ରୀ ପଟ୍ଟନାୟକ

ସବୁଜ, ଶ୍ୟାମଳ ବିଲ, ବନ, ଭୂଇଁ
ଯାହାର ଅଙ୍ଗ ଭୂଷଣ
ଯାହାର ମହିମା ଛୁଇଁ ଛୁଇଁ ଯାଏ
ପ୍ରେମରେ ବିଶ୍ୱ ପ୍ରାଣ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୧ ।

ପାହାଡ଼ ଅଟଇ ଋଷି ମୁନି ବାସ
ନିଶ୍ୱାସେ ପାଣି ପବନ
ନଦୀ ସଂଯୋଗ କରେ ତୀର୍ଥ ସ୍ଥାନ
ଶ୍ରୀ କ୍ଷେତ୍ର ବାସେ ଚନ୍ଦନ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୨ ।

ବୀର ପ୍ରସବିନୀ ଉତ୍କଳ ଜନନୀ
ମନ୍ଦିର ବୈଭବ ତାର
କଳ କଳ ନାଦେ ଝରୁଛି ଝରଣା
ଉଚ୍ଛୁଳେ ନୀଳ ସାଗର
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୩ ।

ଚଣ୍ଡାଶୋକ ରୁ ଧର୍ମାଶୋକ ଦିନେ
ଅଶୋକ ସମ୍ରାଟ ହେଲେ
ଗଙ୍ଗା ଠାରୁ ଗୋଦାବରୀ ଅଞ୍ଚଳ
ଖାରବେଳ ଜୟ କଲେ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୪ ।

ସବୁ ତୀର୍ଥଜଳ ବିନ୍ଦୁ ବିନ୍ଦୁ ହୋଇ
ହୋଇଲା ବିନ୍ଦୁ ସାଗର
କବି ଜୟଦେବ ଗୀତଗୋବିନ୍ଦ ରେ
ରଖିଲେ ନାମ ଜାତି ର
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୫ ।

ମୋ ଜାତି ସମୃଦ୍ଧ ପାଲା ଯାତ୍ରା ଆଉ
ଓଡିଶୀ, ଛଉ ନୃତ୍ୟରେ
ଥରେ ଖାଇଥିଲେ ପଖାଳ ଭାତ କୁ
ବନ୍ଧୁତା ଭୁଲେନା କେହିରେ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୬ ।

ମୋ ମାଟି ଓଡ଼ିଆ ଭାଷା ତ ଓଡ଼ିଆ
ଓଡିଶା ଅଟେ ରାଇଜ
ଶାସ୍ତ୍ରୀୟ ମାନ୍ୟତା ପାଇଛି ମୋ ଭାଷା
ଷଷ୍ଠ ଭାଷା ରୂପେ ଆଜ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୭ ।

ପାହାଡ଼ ପର୍ବତ ନଦ ନଦୀ ଯେତେ
ମୋ ରାଇଜ ଗାଥା ଗାଏ
କୋଣାରକ ର କଳା ଭାସ୍କର୍ଯ୍ୟ
ବିଶ୍ୱ ପ୍ରାଣକୁ ଛୁଏଁ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୮ ।

ମଧୁବାବୁ ଆଉ ଫକୀର ମୋହନ
ରଖିଗଲେ ଭାଷା ଗୌରବ
ଓଡ଼ିଆ ଭାଷା ଓଡ଼ିଆ ଲିପି
ଅଟେ ଆମ ବଇଭବ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୯ ।

ଉତ୍କଳ ଜନନୀ ଯଶ ରଖିବାକୁ
କରିବା ଶପଥ ଆମେ
ତାହାରି ଗରବ ତାର ସନମାନେ
ମନଯୋଗ ଦେବା ଆମେ ।
ସେହି ରାଇଜେ ଜନମ ମୋର
ଓଡ଼ିଶା ତାହାର ନାମ ।୧୦ ।

ଖଣି ଖାଦାନ , ପ୍ରାକୃତିକ ଶୋଭା
ଭରିଅଛି ମୋ ରାଇଜେ
ସାମ୍ୟ, ମୁକ୍ତି, ଐକ୍ୟ, ସଂହତିରେ
ମନ ସହ ମନ ଭିଜେ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୧୧ ।

ଯେଉଁଠି ପ୍ରୀତିରେ ଅତର ବାସେ
ହୃଦୟ ସାଥିରେ ହୃଦୟ ମିଶେ
ଯେଉଁ ମାଟିରେ ପାଇକ ଲହୁ
ବହି ବାଣ୍ଟିଛି ଅମୃତ ମହୁ
ସେହି ରାଇଜେ ଜନମ ମୋର
ଓଡିଶା ତାହାର ନାମ ।୧୨ ।

**ଭୁବନେଶ୍ୱର,୯୪୩୮୩୬୮୯୬୭**

# ଆମ ଓଡ଼ିଆ " ପଖାଳ ରାଣୀ "

**ଅମ୍ବିକା ସ୍ୱାଇଁ**

ପଖାଳ,ପଖାଳ     ହେ ପ୍ରିୟ ପଖାଳ
ଆସ ତୁମେ   ସଭିଁ  ଘର
ଟକଳ ଫୁଟାଇ     ଖାଇବେ ଜନତା
କରି ତୁମକୁ ଆଦର ।୧।

ଗ୍ରୀଷ୍ମ  ସାଥେ ଆସି     ବିରାଜିତ ହୁଅ
ସବୁରି ରୋଷେଇ କୋଣ
ବାସି ପଖାଳ ଓ     ସଜ ପଖାଳ କୁ
କରୁଛି ମୁଁ ଆମନ୍ତ୍ରଣ ।୨।

ଧନୀ ଯେ ଖାଆନ୍ତି     ସଉକେ ପଖାଳ
ଥରେ ଅଧେ ଖରା ଦିନେ
ଗରିବ ରକ୍ତରେ     ପଖାଳ ତୋରାଣି
ବହୁ ଥାଏ ନିତି ଦିନେ ।୩।

ଆମ ପରମ୍ପରା     ଓଡ଼ିଆ ପଖାଳ
ଭାରି ସୁମଧୁର ନାମ
ଯିଏ ଖାଇଛି ସେ     ପଖାଳ ଗଣ୍ଡିଏ
ଜାଣିଛି ତାହାର କାମ ।୪।

ଗରମ ଭାତରେ     ପେଜ ପାଣି ଦେଇ
ରଖିଦେବ ଏକ ରାତି
ସକାଳୁ ,ସକାଳୁ     ଡାଙ୍କୁଣି କାଢିଣ
ଦେଖିବ ତାହାର ରୀତି ।୫।

ପଖାଳ ହାଣ୍ଡିର     ମହ ମହ୍ ବାସ
ମହକି ଉଠିବ ଘର
କଂସାରେ ବାଢ଼ିଣ     ଖାଇବାକୁ ମନ
ହେବ ଖାଲି  ତତ୍ପର ।୬।

ସାଙ୍ଗରେ ପଡିବ     ଭଜା ଭର୍ତ୍ତା ଲୋଡା
କେତେ ରକମର ତିଅଣ
ଲଙ୍କା ଓ ପିଆଜ     ବଡ଼ି ବାଇଗଣ
ତା ସଂଗେ ମିଶିବ ରସୁଣ ।୭।

ଶାଗ ଭଜା ସଙ୍ଗେ     ଆଳୁ ପୋଡ଼ା ଆଉ
ମାଛ ଭଜା ଲେମ୍ବୁ ଲୁଣ
ମିଶାଇ ଖାଇବ     ଖଣ୍ଡ - ଘୋଳ ଦହି
ଜାଣିବ ସ୍ୱାଦର ଗୁଣ ।୮।

ଆମ୍ବ କଷି ଅଦା     ଲେମ୍ବୁ ପତର କୁ
ତୋରାଣିରେ  ମିଶାଇବ
ସୋରିଷ ଛୁଙ୍କରେ     ଭୂଷଙ୍ଗ ପକାଇ
ଖୁସି ମନେ ପରଷିବ ।୯।

କଲରା ମସଲା     କଦଳୀ ର ଭଜା
ସୋରିଷ ଶୁଖୁଆ ରାଇ
ଆମିଷ ବାଲାଙ୍କ     କଟେବାର ହେବ
ଖାଇବେ ଲାଳ ଗଡ଼ାଇ ।୧୦।

ଚଇତ୍ର ମାସରେ     ଲିମ୍ବ କଢି ଭଜା
ଖାଇବାକୁ ଲାଗେ ମଜା
ଛତୁର ବେସର     ଆମ୍ବୁଲର ରାଇ
ମନ କରି ଦିଏ ତାଜା ।୧୧।

ଆଚାର,ପାମ୍ପଡ     ଆମ୍ବ ର୍ ଚଟଣୀ
ସାଥେ କଷି ଆମ୍ବ ଲସି
କଷି କାକୁଡି ଓ     ଖଣ୍ଡ ନଡ଼ିଆକୁ
ଚୋବାଇ ଖାଇବ ହସି ।୧୨।

ଆମ ପରମ୍ପରା     ଓଡ଼ିଆ ପଖାଳ
ଭୁଲ୍ ନାହିଁ ପ୍ରିୟ ଜନ
ପଖାଳ ରାଣୀ ଯେ     ବିଦେଶ ଗଲାଣି
ମୋହି ଲାଣୀ ସଭିମନ  ।୧୩।

ଢ଼ାବା ଓ ଝୁମ୍ପୁଡ଼ି     ପାଞ୍ଚ ତାରକା ଠୁ
କଲାଣି ପଖାଳ ରାଜୁତି
ଖରା ଦିନେ ଯିଏ     ଖାଇଛି ପଖାଳ
ଜାଣିଛି ତା କରାମତି  ।୧୪ ।

କେଉଁ ଆବାହନ     କାଳରୁ ପଖାଳ
ଦେବତାଙ୍କୁ ହୁଏ ଲାଗି
ଜଗନ୍ନାଥ ଙ୍କ ର     ପ୍ରିୟ ଏ ପଖାଳ
ମନରେ ରଖିବା ଜାଗି ।୧୫।

ଯଦି ନଖାଉଛ     ପଖାଳକୁ କେବେ
ଖାଅ ନିଶ୍ଚେ ଖରା ଦିନେ
ଶରୀର ର ପାଇଁ     ମହୌଷଧି ସମ
ମନେ ରଖିବା ହେ ଜନେ ।୧୬।

କିଏ କରିଥିଲା     ପଖାଳ ର  ସୃଷ୍ଟି
ଜଣା ନାହିଁ ତାର ନାମ
ଭାରି ସୁଆଦିଆ     ପଖାଳ ଆମର
ରହୁ ତାର ଯଶ ନାମ ।୧୭।

ଉତ୍କଳ ମାଟିର     ଐତିହ୍ୟ ଆମର
ପରମ୍ପରା ପଖାଳର
ସମସ୍ତଙ୍କ  ହୃଦେ     ରହୁ ସେ ଜୀବିତ
ଟେକ ରହୁ ଓଡ଼ିଆର ।୧୮

**ଭୁବନେଶ୍ୱର ,ଓଡ଼ିଶା , ୯୭୭୭୫୯୯୭୯୫**

# କୃଷ୍ଣଚୂଡ଼ା ଛକରେ ସୂର୍ଯ୍ୟାସ୍ତ

ସୁଧୀରାଜ ରାଉତ

ଆଜି ରବିବାର ଅଫିଂସ୍ ଛୁଟି, କାମର ବୋଝନାହିଁ, ଅଫିସରଙ୍କ ନାଲି ଆଖିନାହିଁ ନିଜ ଇଛାରେ ଆଜି ମୁଁ ରଜା ... ଏମିତି ଭାବିଭାବି ବିଛଣାରୁ ଉଠିନଥାଏ ମା ଆଉ ପତ୍ନୀର କଥା ପିଂଙ୍ଗାପିଂଙ୍ଗି ଆରମ୍ଭ ହୋଇଗଲା ଏବଂ ଏହି ଆରମ୍ଭ କିଛି ସମୟ ମଧରେ ଭୟଙ୍କର ଘୂର୍ଣ୍ଣିର ରୂପ ନେଲା । ବର୍ତ୍ତମାନ ମୁଁ ବିଛଣାରୁ ନଉଠି ଶବ୍ଦଟିଏ ନକହି ମଧ୍ୟ ମା ଆଉ ପତ୍ନୀ ମଧ୍ୟରେ ଝୁଲୁଥିବା ତ୍ରିଶଙ୍କୁ । ଭାବିଥିଲି ଆଜି ମୁଁ ରଜା ଆଉ ଦିନ ଆରମ୍ଭ ନହେଉଣୁ ମୁଁ ବର୍ତ୍ତମାନ ତ୍ରିଶଙ୍କୁ । ଏହାହିଁ ଏଠି ଜୀବନର ବାସ୍ତବତା ଆଉ ଅସହାୟତା । ଏହି ଅସହାୟତାରୁ ମୁକ୍ତି ପାଇଁ ଆମେ ସବୁ ଜୀବନ ତମାମ୍ ଧାଉଁଛୁ, ଏତେ ଶ୍ରମ ଏତେ ସତ ମିଛରେ ମାତିଛୁ କିନ୍ତୁ ପହଞ୍ଚିଛୁ କେଉଁଠି ?

ରାଜା ହେବାର ସ୍ୱପ୍ନ ଭଙ୍ଗ ହେବା ପରେ ମନ ପଡୁଥିଲା ଗ୍ରୀକ୍ ପୁରାଣ ରଜା ସସିପସଙ୍କ କଥା । ରାଜା ସସିପସ୍ ଜୀବନ ତମାମ୍ ଯେତିକି ପୂଣ୍ୟ କରିଥିଲେ ତା ଠାରୁ ଢେର ଗୁଣ ଅଧିକ ପାପ କରିଥିଲେ । ମୃତ୍ୟୁ ପରେ ଯମ ରାଜା ସସିପସ୍ ଙ୍କୁ ପଚାରିଲେ ତୁମେ ପ୍ରଥମେ ପୂଣ୍ୟ ଭୋଗ କରିବ ନାଁ ପାପ ? ପାପର ପରିଣାମ ଭୋଗ ମୁଁ ବାଛିବି ତୁମ ପାଇଁ ଆଉ ପୂଣ୍ୟ ପରିଣାମ ଭୋଗ ତୁମେ ବାଛିବ ତୁମ ପାଇଁ । ସବୁ ବୁଝିସାରି ସସିପସ୍ କହିଲେ ମୁଁ ଆଗ ପୂଣ୍ୟ ଭୋଗ କରିବାକୁ ଚାହେଁ । ଯମ ରାଜା କହିଲେ କୁହ ତୁମେ କଣ ଚାହଁ ? ରାଜା କହିଲେ ମୁଁ ଦେଖିବାକୁ ଚାହେଁ ମୋ ମୃତ୍ୟୁ ପରେ ମୋ ରାଜ୍ୟର ଅବସ୍ଥା । ଯମ ରାଜା କାଛଆଡ଼େ କିଛି ସମୟ ଚାହିଁ ରହିଲେ ଟିଭି ପରଦା ଭଳି କାଛରେ ଦୃଶ୍ୟମାନ ହେଲା ସସିପସ୍ ଙ୍କ ରାଜ୍ୟର ବିଭିନ୍ନ ଦୃଶ୍ୟ । ପ୍ରଜାମାନେ କହୁଥାନ୍ତି ଭଲହେଲା ପାପି ଦୂରାଚାରି ମରିଗଲା, ପୁତ୍ରମାନେ ପିତୃ ଅର୍ଜିତ ସମ୍ପଦକୁ ନେଇ କଳହ କରୁଥାନ୍ତି ଆଉ ପତ୍ନୀ ଜଣେ ଅମାତ୍ୟଙ୍କ ପ୍ରେମରେ ମସଗୁଲ୍ ... । ଯମ ଲୋକରେ ଥାଇ ବି ରାଜାଙ୍କ କ୍ରୋଧର ପାରଦ ଶୀର୍ଷକୁ ଛୁଇଁଲା , ଯମଙ୍କୁ ଅନୁରୋଧ କଲେ ମୋ ବଳକା ପୂଣ୍ୟବଳରେ ମୋତେ କିଛି ଦିନ ପାଇଁ ମର୍ତ୍ତ୍ୟକୁ ଫେରାଇ ଦିଅନ୍ତୁ ..ଏମାନଙ୍କୁ ଉଚିତ୍ ଶିକ୍ଷା ଦେଇ ଆସିବି । ଜଣେ ରାଜା ଆଉ ଜଣେ ରାଜାକୁ ଅନୁରୋଧ କରୁଥିବାରୁ ଯମ ବହୁ କଷ୍ଟରେ ରାଜି ହେଲେ ଏବଂ ନିର୍ଦ୍ଧିଷ୍ଟ ସମୟ ପୂର୍ବରୁ ଫେରି ଆସିବାକୁ ତାଗିଦ୍ କଲେ । ଏଥର କପିଂନ୍ ପିଂଟାଇ ରାଜା ସସିପସ୍ ପୁନହ ଜୀଁ ଉଠିଲେ । ରାଜାଙ୍କୁ ଦେଖି ପ୍ରଜାମାନେ ଜୟ ଗାନରେ ପ୍ରକମ୍ପିତ କଲେ ଚତୁର୍ଦ୍ଦିଗ , ପୁତ୍ରମାନେ ପିତାଙ୍କୁ ପାଇ ଖୁସିରେ ନାଚିବାକୁ ଲାଗିଲେ ଆଉ ପତ୍ନୀ କାନ୍ଦି ଉଠି କହିଲେ - କେମିତି ବଞ୍ଚିଥାନ୍ତି କୁହ ତୁମ ବିନା ? ରାଜା ଭୁଲିଗଲେ ଫେରିବାର ଅଭିପ୍ରାୟ ଏବଂ ଭୁଲିଗଲେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଫେରିବାର ତାଗିଦ୍ ।... ପୁନଶ୍ଚ ଯମ ଆସି ବାନ୍ଧିନେଲେ । ଏହାର ପରିଣାମ ସ୍ୱରୁପ ସସିପସ୍ ଙ୍କୁ ଦଣ୍ଡବିଧାନ ହେଲା - ଏକ ବିଶାଳ ପଥରକୁ ଠେଲି ଠେଲି ପାହାଡ଼ର ଶିଖରକୁ ନେବାକୁ ହେବ , ଶିଖରରେ ପହଞ୍ଚିବା ମାତ୍ରେ ପଥର ସ୍ୱତଃ ଫେରିଆସିବ ପାଦ ଦେଶକୁ । ପୁନଶ୍ଚ ପଥରଟିକୁ ଠେଲି ପାହାଡ଼ର ଶିଖରକୁ ନେବାକୁ ହେବ ... ପୁନଶ୍ଚ ପୁନଶ୍ଚ ଅନନ୍ତ ସମୟ ପର୍ଯ୍ୟନ୍ତ ରାଜା ସସିପସ୍ ଏହା କରିଚାଲିଛନ୍ତି ।

ବିଛଣାରେ ପଡ଼ିରହି ନିଜକୁ ଲାଗୁଥାଏ ମୁଁ ବି ଜଣେ ଅସହାୟ ସସିପସ୍ ,ଜୀବନ ରୂପୀ ପଥରକୁ ଗଡ଼ାଇ ଚାଲିଛି ଦିନରୁ ରାତି , ଜନ୍ମରୁ ମୃତ୍ୟୁ, ମୃତ୍ୟୁରୁ ଜନ୍ମ... ପତ୍ନୀ ପାଟିକଲା " କଣ ଏଠି ଗାଲୁଆଙ୍କ ଭଳି ପଡ଼ିଛ , କିଛି ଶୁଭୁନାହିଁ ତୁମକୁ ? କିଛି ନ କହି ନିତ୍ୟକର୍ମ ଶେଷ କରି ନିକଟ ଚା' ଦୋକାନ ଖଟିକୁ ଚାଲିଗଲି ଏଇ ଆଶା ନେଇ କିଛି ସମୟ ବାହାରେ ରହି ଫେରିବା ପରେ ମା, ପତ୍ନୀ ସାଧାରଣ ଅବସ୍ଥାକୁ ଫେରିଆସିବେ । ଦୁଇ ଘଣ୍ଟା ପରେ ଫେରି ଦେଖିଲି - ଝଡ଼ କରାଳ ରୂପ ନେବାରେ ଲାଗିଛି । ପତ୍ନୀ ଟିପିଂନ୍ ଥୋଇଦେଇ ଚାଲିଗଲା ... ନିଜକୁ ପ୍ରଶ୍ନ କରୁଥିଲି - କିଛି ବି କାରଣ ନଥାଇ , ଅଭାବ ନଥାଇ, ସମସ୍ୟା ନଥାଇ କାହିଁକି ମଣିଷ ଜୀବନର ଶାନ୍ତ ଉପବନକୁ ଅଶାନ୍ତ ଘୂର୍ଣ୍ଣିରେ ନଷ୍ଟ ବିନଷ୍ଟ କରେ , ପରିବେଶକୁ କରେ ଅସହ୍ୟ ଯନ୍ତ୍ରଣା ପୂର୍ଣ୍ଣ ଆନନ୍ଦ ଅମୃତ ମୁହୁର୍ତ୍ତ ସବୁକୁ ନର୍କ କରି ଗଢ଼େ ... କାହିଁକି ? କାହିଁକି ର ଅସହାୟତା ଉପରେ ଠିଆ ହୋଇ ଶୁଣୁଥାଏ ମା ,ପତ୍ନୀର ଶବ୍ଦ ସମର । ଏଠି କିଛି କହିବା ଅର୍ଥ ଏପଟେ ବ୍ରହ୍ମ ହତ୍ୟା ସେପଟେ ଗୋହତ୍ୟା । ବ୍ରହ୍ମ ହତ୍ୟା – ଗୋ ହତ୍ୟା ନର୍କ ଦଣ୍ଡ ଅନେକ ଥର ପାଇସାରିବା ପରେ ମୁଁ ଏବେ ନୀରବ ଦ୍ରଷ୍ଟା । ଭାବିଲି ଏ ଦୁହେଁ ଲାଗିଥାନ୍ତୁ ମୁଁ ଯାଉଛି ଛାତ ଉପରେ ପାଟି କରୁନଥିବା , ଅଭିଯୋଗ କରୁନଥିବା , ଅଭିମାନ କରୁନଥିବା ଫୁଲ ଗଛମାନଙ୍କ ସହ ସମୟ କାଟିବି । ... ଅନାବନା ଘାସ କାଢ଼ିଦେଇ ଗଛ ମୂଳକୁ ଖୁସେଇ ଦେଉଥାଏ ମା ଆସି ପାଟିକଲା - " ତୋତେ ଦିଶୁନାହିଁ ଏମିତି ନୀରବ ଠାକୁର କାହିଁକି ହୋଇଛୁ , ସେ କଣ କଣ କହୁଛି ତୋତେ ଶୁଭୁ ନାହିଁ ? " ଘାସ ବାଛୁଥିବା ଫୁଲକୁଣ୍ଡକୁ ଛାତରେ କଚାଡିଦେଇ ପାଟି ଚିଲାଇ କହିଲି - ମୋତେ ଶାନ୍ତିରେ ଗୋଟିଏ ଘଣ୍ଟା, ଗୋଟିଏ ଦିନ ବଞ୍ଚିବାକୁ ଦିଅ ।

ସକାଳୁ କିଛି ଖାଇନାହିଁ, ଖରାବେଳେ ବିନାଖାଇ ଶୋଇ ପଡ଼ିଲି । ଅପରାହ୍ନ ଚାରିଟା ବେଳକୁ ପ୍ରବଳ ପବନ ବହିବାକୁ ଲାଗିଲା , ପଦାକୁ ଆସି ଠିଆହେଲି ଅଧଘଣ୍ଟାଏର କାଳବୈଶାଖି ସବୁକିଛି ଛିନ୍ନଛତ୍ର କରି ଚାଲିଗଲା । ମୁଁ ମୋ ସବୁଦିନିଆ ସାଂଧ୍ୟ ଭ୍ରମଣରେ ବାହାରି ପଡ଼ିଲି। ମୋ ଛୋଟ ସହରର ରାସ୍ତାଘାଟରେ ଡାଳପତ୍ର ଭାଙ୍ଗି ପଡ଼ିଛି, କାହାର ଘର ଟିଣ ଉଡ଼ିଯାଇଛି, କେଉଁଠି ଇଲେକ୍ଟ୍ରୀ ପୋଲ୍ ବଙ୍କିଯାଇଛି ... ସହର ଡେଇଁ କିଲୋମିଟରୁ ଅଧିକ ହେବ ସେଇ କୃଷ୍ଣଚୂଡ଼ା ଛକ ପାଖେ ପହଁଞ୍ଚିଲି । କାଳବୈଶାଖିରେ ଭାଙ୍ଗି ପଡ଼ିଛି କୃଷ୍ଣଚୁଡ଼ାର ଅନେକ ଡାଳକେନା , କୁଢ଼କୁଢ଼ ଫୁଲ,କଢ଼ ବିଛେଇ ହୋଇ ପଡ଼ିଛି ତଳେ, ଚାରିଆଡ଼େ । ଗଛକୁ ଚାହିଁଲି ଲାଗିଲା ଶହଶହ ନାଲି ଓଠରେ କୃଷ୍ଣଚୁଡ଼ା ମୋତେ ଚାହିଁ ହସୁଥାଏ .. ସତେଅବା କିଛିବି ଘଟିନି ।

ମୁଁ ଗଛକୁ ଚାହିଁଥାଏ ସୂର୍ଯ୍ୟ ଅସ୍ତ ହେବହେବ ହେଉଥାଏ .. ହଠାତ୍ ଅନୁଭବ କଲି ଏକ ପବିତ୍ର ଛୁଆଁରେ ଆନନ୍ଦର ବହଳିଆ ସ୍ପର୍ଶରେ ମୋ ଭିତର ବହୁଥିବା କାଳବୈଶାଖି ଠପ୍ ହୋଇ ବନ୍ଦ ହୋଇଗଲା । ମୋ ହାତ ଦୁଇ ଶାନ୍ତି ପ୍ରଶାନ୍ତିରେ ଯୋଡ଼ିହୋଇଗଲା କୃଷ୍ଣଚୂଡ଼ା ଗଛକୁ ଚାହିଁ । ଅସ୍ତ ସୂର୍ଯ୍ୟ ଯେଭଳି କହୁଥାଏ କାଳବୈଶାଖି ହେଉ, ରୁଦ୍ରର ପ୍ରଚଣ୍ଡ ତାପ ହେଉ, ଢ଼ୋ ଢ଼ୋ ବର୍ଷା ହେଉ କୃଷ୍ଣଚୂଡ଼ାପାଇଁ ସବୁ ଋତୁ ହସିବାର ଋତୁ , ଆନନ୍ଦର ଋତୁ । ଅସ୍ତ ସୂର୍ଯ୍ୟ ପୁଣି କହୁଥାଏ - ଜୀବନ ଏଠି ସସିପସ୍ ଭଳି ଅସହାୟ ନୁହେଁ ବନ୍ଧୁ ! ଜୀବନ ଏଠି କୃଷ୍ଣଚୂଡ଼ା ଭଳି ଆନନ୍ଦ ଆଉ ହସର ପସରା , ମାଟି ପାଣି ପବନ ସବୁ ସହ ମିଶି ସୌନ୍ଦର୍ଯ୍ୟର ଫୁଲ ଫୁଟାଇବା ।

ମୁଁ ଲାଲ କୃଷ୍ଣଚୂଡାକୁ ଲାଲ ଅସ୍ତ ସୂର୍ଯ୍ୟକୁ ପ୍ରଣାମ କଲି , ଧନ୍ୟବାଦ ଦେଲି କାଳବୈଶାଖି କୁ ଏଭଳି ଅନୁପମ ଶିକ୍ଷାଟିଏ , ଅନୁଭବ ଟିଏ ଦେବା ପାଇଁ ସହଯୋଗ କରିଥିବାରୁ ।

ମୁଁ ଏବେ ଶୀଘ୍ର ଶୀଘ୍ର ଘର ଆଡ଼େ ପାଦ ବଢ଼ାଇଲି । ଭାଙ୍ଗି ଦେଇଥିବା କୁଣ୍ଡ ଗଛଟିର ଯତ୍ନ ନେବାର ଅଛି, ପ୍ରତି ମୁହୂର୍ତ୍ତ ସ୍ନେହ, ସେବା ଦେଇ ଚାଲିଥିବା ମା, ପତ୍ନୀର ଯତ୍ନ ନେବାର ଅଛି । ମୁଁ ଖାଇନି ବୋଲି ସେମାନେ ସକାଳୁ କିଛି ଖାଇ ନାହାଁନ୍ତି । ସୂର୍ଯ୍ୟ ଅସ୍ତ ହେଉଥାଏ, ମୋ ଭିତରେ ନୂଆ ସୂର୍ଯ୍ୟର ଉଦୟ ନେଇ ମୁଁ ଫେରୁଥାଏ କୃଷ୍ଣଚୁଡା ଛକରୁ ।

ଖାତିଗୁଡା,ନବରଙ୍ଗପୁର
ମୋ :୯୮୬୧୯୬୯୬୭୮

# ନାସ୍ତିକ

**ଶକ୍ତିପ୍ରଭା ମିଶ୍ର**

ମା ପୁଅକୁ କହିଲା , ପ୍ରତିଦିନ ଗାଧୋଇସାରି ଟିକେ ଠାକୁରଙ୍କୁ ମୁଣ୍ଡିଆ ମାରୁନୁ ? ପୁଅ ଉତର ଦେଲା ,ଫଟୋରେ ଭଗବାନ ଅଛନ୍ତି ବୋଲି ମୋର ବିଶ୍ୱାସ ନାହିଁ । ପିଲାଟା ମୁହଁରୁ ଏପରି କଥା ଶୁଣି ମା ଟିକେ ଶଙ୍କିତ ହୋଇପଡିଲା ।
ଏଇ ଘଟଣାର କିଛିଦିନ ପରେ ହାତରେ ଗୋଟିଏ ଛୋଟ ବିଲେଇ ପିଲା ଧରି ମା କୁ ଡାକ ଛାଡିଲା ପୁଅ । ଜୋର ପାଟିରେ କହୁଥିଲା , ମାମା ଜଲଦି ଫାଷ୍ଟ ଏଡ଼ ବକ୍ସ ଟା ଆଣିଲ ।

ପୁଅ ହାତରେ ବିଲେଇ ଛୁଆଟିକୁ ଦେଖି ମା ପାଟି କରି କହିଲା , ଏସବୁ କଣ ହେଉଛି ? ରାସ୍ତାରୁ ଜୀବଜନ୍ତୁ ଉଠେଇ ଆଣି ଘରେ ପୁରାଉଛୁ ? ଏଠି ତା କଥା କିଏ ବୁଝିବ ?
ମା ମୁହଁକୁ ଚାହିଁ ପୁଅ କହିଲା , ଜୀବଟିଏ ପ୍ରତି ଯଦି ଦୟା ନାହିଁ ଠାକୁରଘରେ ବସି ଭଗବାନଙ୍କ ନାଁରେ ଅଯଥାରେ କାହିଁକି ଘଣ୍ଟି ବାଡଉଛୁ ? ନିଜ ଗାଡ଼ିରେ ବିଲେଇଟିକୁ ପିଟିଦେଇ ଆଗକୁ ପଳେଇଥିବା ଲୋକ ଆଉ ତମ ଭିତରେ ଫରକ କ'ଣ ଅଛି ?

କିଛି ଉତ୍ତର ନ ଦେଇ ଫାଷ୍ଟ ଏଡ଼ ବକ୍ସ ଟିକୁ ଆଣି ପୁଅ ପାଖରେ ଥୋଇଦେଇଥିଲା ମା ! ଟିକେ ଦୂରରେ ବସି ଦେଖୁଥିଲା ପୁଅର ସେବା ଆଉ ଯତ୍ନ ପାଇ କ୍ଷତାକ୍ତ ବିଲେଇ ଛୁଆଟି କେମିତି ଉଁ ଉଁ ହୋଇ ତା କୋଳରେ ଶୋଇଯାଉଛି ଯେମିତି କେତେ ଯୁଗରୁ ସେ ତାକୁ ଚିହ୍ନିଛି ଜାଣିଛି ।

ମା ମନରୁ ପୁଅଟା ନାସ୍ତିକଟିଏ ର ଡର ଉଭେଇ ଯାଉଥିଲା ।

**ଅମୃତା ,**
**୩୨ , ମୈତ୍ରୀଜନପଦ**
**, ନହରକଣ୍ଟା , ଭୁବନେଶ୍ୱର --୭୫୨୧୦୧**
**ଫୋନ..୯୪୩୯୩୬୬୧୫୫**

# ବୈରାଗୀ ରାଜପୁତ୍ର - ସନ୍ଥ ସାଧକ ଅରକ୍ଷିତ ଦାସ

ରାଜଲକ୍ଷ୍ମୀ ତ୍ରିପାଠୀ



**ଅରକ୍ଷିତ ଦାସ,** ସେ ଥିଲେ ଗଞ୍ଜାମ ର ପୂର୍ବତନ ବଡ଼ଖେମଣ୍ଡି କ୍ଷୁଦ୍ର ରାଜ୍ୟ ର ବିଜୟ ନଗର ଗଡ଼ ରାଜ ପରିବାର ର ରାଜପୁତ୍ର । ତାଙ୍କର ଜନ୍ମ ୧୭୮୨ମସିହା ଓ ପିତୃଦତ୍ତ ନାମ ଥିଲା ବଳଭଦ୍ର ଦେବ । ତରୁଣ ବୟସରେ ବିବାହ ପରେ ନିଜର ରୂପବତୀ ତରୁଣୀ ପତ୍ନୀ ଓ ରାଜ ସଂପଦ ତ୍ୟାଗ କରି ସେ ଆଧାତ୍ମିକ ଅନ୍ୱେଷଣରେ ଗୃହ ତ୍ୟାଗ କରିଥିଲେ । ତାଙ୍କର ଜୀବନୀ କପିଳ ବସ୍ତୁର ରାଜପୁତ୍ର ଶାକ୍ୟ ସିଦ୍ଧାର୍ଥ ଙ୍କ ଜୀବନୀ ସହ କିଛି ସାମଞ୍ଜସ୍ୟ ଅନୁଭବ କରିହୁଏ । ରାଜ ପରିବାରର ଭୋଗ ବିଳାସମୟ ଜୀବନ କୁ ମାତ୍ର ଅଠର ବର୍ଷ ବୟସରେ ହିଁ ପରିତ୍ୟାଗ କରି ଦୀର୍ଘ ଅଠର ବର୍ଷ ପୁଣି ପାହାଡ, ଜଙ୍ଗଲ, ଗ୍ରାମ, ଅଗମ୍ୟ ପୁରପଲ୍ଲୀ ,ମଠ,ମନ୍ଦିର ଆଦି ଘୁରି ବୁଲିଥିଲେ ସତ୍ୟ ଓ ଆତ୍ମ-ଉପଲବ୍ଧି ର ସନ୍ଧାନରେ । ଏହି ସମୟ ରେ ସେ ବହୁ କୃଚ୍ଛ୍ର ସାଧନାର ଆଶ୍ରୟ ନେଇଥିଲେ । ଦୀର୍ଘ କାଳ ଜଳପାନ କରି ବଂଚିଥିଲେ । ଶ୍ରୀକ୍ଷେତ୍ର ପୁରୀରେ ମଧ ସେ କିଛି କାଳ ଅବସ୍ଥାନ କରିଥିଲେ । ସେଠାରେ ଥରେ ଏକ ମାଳୀ ପ୍ରଭାତ ସମୟରେ ତାଙ୍କୁ ଫୁଲ ଚୋରି କରୁଥିବା ଭାବି ଅତ୍ୟନ୍ତ ନିଷ୍ଠୁର ଭାବେ ପ୍ରହାର କରିଥିଲେ । ଜଣେ ଦୟାଳୁ ମହିଳା ତାଙ୍କୁ ଏହି ପ୍ରହାରିତ ଅବସ୍ଥାରୁ ଉଦ୍ଧାର କରି ନିଜ ଘରେ ଆଶ୍ରୟ ଦେଇ ସେବା,ଶୁଶ୍ରୁଷା ଦ୍ବାରା ତାଙ୍କୁ ସୁସ୍ଥ କରାଇଥିଲେ । ଅନ୍ୟ ଏକ ପରିସ୍ଥିତି ରେ ଜଣେ ଧର୍ମ ପରାୟଣା ବିଧବା ମହିଳା ଏହି ତରୁଣ ରାଜକୁମାରଙ୍କ ର ରୂପକାନ୍ତି ଓ ଅସାଧାରଣ ଆଧାତ୍ମିକ ସାଧନା ଦେଖି ତାଙ୍କ ପ୍ରତି ଆକୃଷ୍ଟ ହୋଇ ସାଧନା ଛାଡି ଗୃହସ୍ଥ ଜୀବନ ଅନୁସରଣ ପୂର୍ବକ ସୁଖ-ସ୍ୱାଚ୍ଛନ୍ଦ୍ୟ ଭୋଗ କରିବାକୁ ପ୍ରବର୍ତ୍ତାଇ ଥିଲେ ।କିନ୍ତୁ ଏ ସବୁ ତାଙ୍କ ଏକନିଷ୍ଠ ମନ, ପ୍ରାଣ ଉପରେ କିଛି ପ୍ରଭାବ ପକାଇନଥିଲା ।

ଏହି ସତ୍ୟାନୁସନ୍ଧିତ୍ସୁ ରାଜପୁତ୍ର ଓଡ଼ିଶାର ବହୁ ବିଖ୍ୟାତ ଦେବୀ ମନ୍ଦିର ଓ ପୀଠ ସ୍ଥାନ ଭ୍ରମଣ କରିଥିଲେ ମଧ କୌଣସି ସ୍ଥାନରେ ଦେବତ୍ୱ ର ଉପଲବ୍ଧି କରିନପାରି ପ୍ରକାଶ୍ୟ ରେ ପ୍ରତୀକ ପୂଜା ର ବିରୋଧ କଲେ ଓ ସମସ୍ତ ଧର୍ମ ର ସଂକୀର୍ଣ୍ଣତା ରୁ ନିଜକୁ ମୁକ୍ତ କରିଥିଲେ । ତାଙ୍କ ଚେତନାର ଆତ୍ମିକ ବିବର୍ତ୍ତନ ଖିଅ ଆସ୍ତେ ଆସ୍ତେ ଖୋଲି ଯାଇଥିଲା । ଉତ୍କଳ ର ପାରମ୍ପରିକ ନିର୍ଗୁଣ ବ୍ରହ୍ମ ଉପାସନା ରେ ନିର୍ଭର କରି ନିଜର ଦୃଷ୍ଟି ବଳରେ ସେ ଯେଉଁ ଅଭିନବ ସଂସ୍କାର ପ୍ରବର୍ତ୍ତନ କଲେ ତାହା ହିଁ ଥିଲା ବିସ୍ମୟକର । ସେ ସମସ୍ତ ଅବତାର ଓ ଦେବ ଦେବୀ ଙ୍କୁ ଶୂନ୍ୟ ପ୍ରକାଶ ବୋଲି କହି ଶୂନ୍ୟ ହିଁ ସର୍ବଶକ୍ତିମାନ, ଏହି ଉପଲବ୍ଧି ରେ ଶୂନ୍ୟ ରୂପ ର ଗୁଣ ପ୍ରକାଶ କଲେ । ଏହି ବୈରାଗୀ ରାଜପୁତ୍ର ପରବର୍ତ୍ତୀ କାଳରେ ପ୍ରସିଦ୍ଧ ଓଳାଶୁଣୀ ଆଶ୍ରମ ର ମହାନ ସାଧକ ଓ ପରମ ନିର୍ଗୁଣ ବାଦୀ କବି ସନ୍ଥ ଅରକ୍ଷିତ ଦାସ ନାମରେ ପରିଚିତ ହୋଇଥିଲେ । ତାଙ୍କରି ଭାଷାରେ "ହେ ବ୍ରହ୍ମ, ତୁମେ ଯେ ସମସ୍ତଙ୍କ ଠାରେ ବିରାଜିତ । ଗାଭୀ ନାନା ବର୍ଣ୍ଣ ର ହେଲେ ମଧ ସମସ୍ତଙ୍କ କ୍ଷୀର ସେହି ଏକ ଶ୍ୱେତ ବର୍ଣ୍ଣ ର ।"ତାଙ୍କ ମତରେ ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷ ସମାନ । ଚେତନାଗତ ଦୃଷ୍ଟିକୋଣରୁ ସ୍ତ୍ରୀ ଓ ପୁରୁଷ ଅଭେଦ।

ଏହି ମହାନ ସନ୍ଥ ସାଧକ ଅରକ୍ଷିତ ଦାସ ଥିଲେ ଆଧାତ୍ମିକ ଜଗତର ଜଣେ ବିଶିଷ୍ଟ ସଂସ୍କାରକ ଓ କବି।ତାଙ୍କ ରଚିତ "ମହୀ ମଣ୍ଡଳ ଗୀତା ","ଶୂନ୍ୟ ଟୀକା",ଭକ୍ତି ଟୀକା" ଓ ଅନ୍ୟାନ୍ୟ ଭଜନାଦି ଗୀତିକା ଶୁଦ୍ଧ ନିର୍ଗୁଣ-ଧାରା ର ଭାବଧାରାରେ ପରିପୁଷ୍ଟ । ତାଙ୍କ ରଚିତ "ମହୀ ମଣ୍ଡଳ ଗୀତା"ରେ ସେ ଶ୍ରୀ ଜଗନ୍ନାଥ ଙ୍କୁ ମହାଶୂନ୍ୟ ର ପ୍ରତୀକ ଭାବେ ଧାରଣା କରି ତନ୍ମୟ ହୋଇ ଲେଖିଛନ୍ତି:

"ହେ ଦେବ ଦେବ ଜଗନ୍ନାଥ

ତୋର ଶରୀରୁଁ ଏ ଜଗତ

ହେ ଦେବ ଦେବ ଜଗନ୍ନାଥ

ହେ ଦେବ ଦେବ ଜଗତ୍ତାତ।

ହେ ଦେବ ଦେବ ବ୍ରହ୍ମ ତୁହି,

ଚଳ ନିଚଳ ତୋର ଦେହୀ।"

ସାଧକ କବି ଅରକ୍ଷିତ ଙ୍କ ପ୍ରବର୍ତ୍ତିତ ଆଧାତ୍ମିକ ଦର୍ଶନ "ଆଜ୍ଞାଧର୍ମ"ରୂପେ ପରିଚିତ। ଏହି ଆଜ୍ଞାଧର୍ମ ଅନୁସାରେ ସମଗ୍ର ସଂସାର କେବଳ ବ୍ରହ୍ମ ଙ୍କ ଆଜ୍ଞା ରେ ଆତଯାତ । ଆଜ୍ଞା ମହିମା ଅକଳନ।ତାଙ୍କରି ଭାଷା ରେ:

"ସମୁଦ୍ର ବାଲି ଗଣି ହେବ,

"ଆଜ୍ଞା"ମହିମା କେ କହିବ,

"ଆଜ୍ଞା" ମହିମା ଭାବରସ

କହଇ ଅରକ୍ଷିତ ଦାସ।"

ଏହି ବୈଚିତ୍ରମୟ ଆଧାତ୍ମିକ ପୁରୁଷ ସନ୍ଥ ଅରକ୍ଷିତ ଙ୍କର ପ୍ରବର୍ତ୍ତିତ ଆଧାତ୍ମିକ ମାର୍ଗଟିରେ ଭଗବତ ଗୀତା ର ସମନ୍ୱୟ ଧର୍ମୀ ମଧ୍ୟମପନ୍ଥା ଓ ଗୌତମ ବୁଦ୍ଧ ଙ୍କ ର ମଧ୍ୟମ ମାର୍ଗ ର ଛାପ ଦେଖିବାକୁ ମିଳେ। ଓଡ଼ିଶାର ଗଣଜୀବନ ରେ  ଗଭୀର ଆଲୋଡ଼ନ ଆଣି ଜଗତର କଲ୍ୟାଣ ପାଇଁ ନିର୍ଗୁଣ ବ୍ରହ୍ମସତ୍ତା ର ସନ୍ଧାନ ଦେଇ ସନ୍ଥ ଅରକ୍ଷିତ ଏକ ମହାନ ଆଧାତ୍ମିକ ମୂଲ୍ୟବୋଧ  ପ୍ରତିଷ୍ଠା କରିଛନ୍ତି ।

**ପୁରୀ**

# ଶିବତତ୍ତ୍ୱ

**ଅମୂଲ୍ୟ କୁମାର ପଣ୍ଡା**

**ଓଁ ନମଃ ଶିବାୟ**

**ଓଁ ତ୍ରୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍ ।**

**ଉର୍ବାରୁକମିବ ବନ୍ଧନାତ୍ ମୃତ୍ୟୋର୍ମୁକ୍ଷୀୟ ମା ମୃତାତ୍ ॥**

ଶିବ ଓ ଶକ୍ତିର ମିଳନରେ ଏ ବ୍ରହ୍ମାଣ୍ଡ । ଶିବ ଶାଶ୍ବତ ସନାତନ । ତାଙ୍କର ଆକାର ନଥିବାରୁ ସେ ନିରାକାର , ଆଦି ନଥିବାରୁ ସେ ଅନାଦି, ଅନ୍ତ ନଥିବାରୁ ସେ ଅନନ୍ତ , ଜନ୍ମ ନଥିବାରୁ ସେ ସ୍ବୟମ୍ଭୁ , ମୃତ୍ୟୁ ନଥିବାରୁ ସେ ମୃତ୍ୟୁଞ୍ଜୟ , ଶ୍ରେଷ୍ଠ ଦେବତା ନଥିବାରୁ ସେ ଦେବଶ୍ରେଷ୍ଠ ଦେବା ଦେବ ମହାଦେବ । ଶିବ ହେଉଛନ୍ତି ପ୍ରଥମ ଓ ଶିବ ହେଉଛନ୍ତି ଶେଷ । ଧର୍ମର ମୂଳ ହେଉଛନ୍ତି ଶିବ । ଶିବଙ୍କ ଠାରେ ହିଁ ଧର୍ମ , ଅର୍ଥ , କାମ ଓ ମୋକ୍ଷ ଅନ୍ତର୍ନିହିତ ରହିଛି । ଭଗବାନ ଶିବ ହେଉଛନ୍ତି ପରା ପ୍ରକୃତି । ସେ ଦିବ୍ୟ , ସନାତନ , ବ୍ରହ୍ମ , ଅଶରୀର , ନିଷ୍କଳଙ୍କ , ମୁକ୍ତ ଓ ପବିତ୍ର । ସେ ଅପରିସୀମ ଆନନ୍ଦ । ସେ ମେଧାର ପ୍ରତୀକ । ଭଗବାନ ଶିବ ହେଉଛନ୍ତି ପରମାତ୍ମା ସର୍ବ ବ୍ୟାପକ ।

ଶିବ ହେଉଛନ୍ତି ଶ, ଇ , ବ ର ମିଶ୍ରଣ । ଶିବ = ଶ+ଇ+ବ । ଅର୍ଥାତ୍ ଅର୍ଦ୍ଧନାରୀଶ୍ବର । ଶିବ ଓ ଶକ୍ତିର ମିଳନରେ ଏ ବ୍ରହ୍ମାଣ୍ଡ । ଶିବ ଶାଶ୍ବତ ସନାତନ । ଶିବ ଶବ୍ଦରୁ " ଇ" ଅକ୍ଷରକୁ ବାଦ୍ ଦେଲେ ହେବ ଶବ । ଅର୍ଥାତ୍ ଭସ୍ମ ବା ପାଉଁଶ । ' ଇ' ହେଉଛି ଜଗଦମ୍ବା ଆହ୍ଲାଦିନୀ । ଶକ୍ତି ବା ପ୍ରାଣ, ଶବରୁ ଶିବ ହେଲା ପରି ଜଡ଼ର ସଜୀବ ହେଉଛି ମାନବବାଦ , ଅର୍ଥାତ୍ ଯାହାର ଜୀବନ ଅଛି ଶିବ ଓ ଯାହାର ଜୀବନ ନାହିଁ ସେ ଶବ । ଶିବ ଓ ଶକ୍ତିର ମିଶ୍ରଣରେ ଏ ସଂସାର । ଶିବ ହେଉଛନ୍ତି ପୁରୁଷ ଓ ଶକ୍ତି ହେଉଛନ୍ତି ନାରୀ । ଶିବ ଓ ଶକ୍ତି ଉଭୟେ ଆତ୍ମାରୂପରେ ହିଁ ପ୍ରତ୍ୟେକ ଶରୀରରେ ବିରାଜମାନ କରନ୍ତି । ସେ ହେଉଛନ୍ତି ସର୍ବଶ୍ରେଷ୍ଠ ଦେବତା ପରମ ମଙ୍ଗଳମୟ ଦେବାଧିଦେବ ମହାଦେବ । ଶିବ ହେଉଛନ୍ତି ଧର୍ମର ରକ୍ଷକ । ସେ ସକଳ ଆରାଧ୍ଯ ଦେବତା । ତାଙ୍କର ମୂଖ୍ୟ ପର୍ବ " ମହାଶିବରାତ୍ରି " । ଏହା ଫାଲଗୁନ୍ ମାସ ଚତୁର୍ଦ୍ଦଶୀ ତିଥିରେ ପାଳନ ହୋଇଥାଏ । ଶିବରାତ୍ରୀର ଅନ୍ୟ ନାମ ହେଉଛି ଜାଗର । ଅର୍ଥାତ୍ ସାରା ରାତି ଉଜାଗର ରହି ଶିବ ଆରାଧନା କରିବା । ଶିବରାତ୍ରୀ ହେଉଛି ପୂର୍ଣ୍ଣମାତ୍ରାରେ ଶିବଙ୍କ ଆଶ୍ରିତ ହେବାର ରାତ୍ରି । ଉକ୍ତ ଦିନ , ଆହାର - ନିଦ୍ରା - ମୈଥୁନ - ଲୋଭ - ମୋହ - ରାଗ - ହିଂସା ଆଦି ପରିହାର କରି ଶିବଙ୍କ ନିକଟରେ ଶରଣ ପଶିବା ମୁଖ୍ୟ ଉଦ୍ଦେଶ୍ୟ । ଏହାଦ୍ବାରା ସାଂସାରିକ ସୁଖ ଓ ସକଳ ପ୍ରକାରର ମଙ୍ଗଳ ହୁଏ ।

# ପ୍ରାଣର କବତା

ଦୀପକ କୁମାର ଦେ



କାହିଁକି ଯେ ବସୁ ମାଟିକୁ କାମୁଡି
ନିର୍ଯ୍ୟାତିତ ବକ୍ଷେ ହେ କଙ୍କାଳ?
ଜାଗି ଉଠ ,'ସହୋଦର'' କମର ଭିଡି
ସ୍ପନ୍ଦିତ ନିକ୍ୱଣେ ଏକାଠି ହୁଅରେ ଠୁଳ । ୧।

ସୁଦୁର ଆକାଶୁ ଡାକେ ହାତ ଠାରି
ବୀର ବକସୀ ଜଗବନ୍ଧୁ,ରାଜଗୁରୁ:
ବନ୍ଧୁର ପଥେ ତାସ୍ୱଲ୍ୟଭରା ଆମ୍ରମ୍ବରି-
ଦେଖି ,କିମ୍ବା ଭୟ ଭୀତି ମନେ ଭରୁ । ୨।

ଦେଖ ,ଏଇ ଯେ ଦିଶୁଛି ଶତ ଶହୀଦର-
ମୂକସାକ୍ଷୀ ,ରକ୍ତଭିଜା ଅଭେଦ୍ୟ ବାରବାଟୀ,
ଫଁଗାଳି ଯାଉ ,ତିମିରେ ଅପସରି ,ନିନ୍ଦୁକର-
ଯେତେ ଅପଚାର, ନାସିକା କୁଞ୍ଚନ,ଭ୍ରୁକୁଟି। ୩ ।

ଉଠରେ ମୋ ଜାତିଭାଇ ଜାଳିବାକୁ ମଶାଲ
ଏ ଦେଶର ପୂଣ୍ୟ ପୂରବୀ ମୂର୍ଚ୍ଛନା ତାନ,
ହେଉ ନିନାଦିତ ,ପ୍ରକମ୍ପିତ ସମଗ୍ର ଉତ୍କଳ,
କୁମାରୀ ପାହାଡ, ତାପଙ୍ଗ ଗଡଠୁ ଗିରିବନ । ୪ ।

ନୁହେଁ ତ ଅଳୀକ ଅବା ସୁଦୂର ପରାହତ,
ହସିଉଠୁ କଳା କଉଶଳେ ଲହରୀମାଳ,
ଶାଳଭଞ୍ଜିକା କୋଣାରକେ ବିଶ୍ୱପ୍ରୀତି ନେତ,
ପ୍ରାଣର କବିତା, ଇତିହାସ ଯା'ର ଗୌରବୋଜ୍ଜଳ ।।

ଉଠ ହେ ସିଦ୍ଧ ସାଧକ !! ବଜାଇ ରଣ ଦୁନ୍ଦୁଭି
ଆକାଶକୁ ଛୁଇଁଯାଉ ଜୈତ୍ରରଥ ବୈଜୟନ୍ତୀ,
ଏ ଅଭିପ୍ରାୟେ ସଞ୍ଚରି ଯାଉ ସ୍ୱାଭିମାନର ସୁରଭି
ନୁହେଁ ଦୂରପନେୟ ,ମହାବାହୁ ଯେବେ ସେନାପତି।

ଅନୁଗୋଳ , ଓଡିଶା ।

# ବନ୍ଦେ ଉତ୍କଳ ଜନନୀ

ବୀଣାପାଣି ରାଏଗୁରୁ

ଜନନୀ, ଜନନୀ, ଜନନୀ,
ବନ୍ଦେ ଉତ୍କଳ ଜନନୀ
ଆକାଶକୁ ଯା’ର ମଥାନ ଛୁଏଁ
ମହୋଦଧି ଯା’ର ଚରଣ ଧୁଏ
ଗଳି ଗଳି ଯା’ର ମଳୟ ବହେ,
ସାରା ଦେଶ ଯା’ର କାହାଣୀ କହେ
ଯା ନୀଳ ଶଇଳେ -
ନୀଳାଦ୍ରିକନ୍ଦ ରେ ବିଜେ ଶ୍ରୀଜଗନ୍ନାଥ
ଦେଶ  ମଉଡ଼ମଣି,
ବନ୍ଦେ ଉତ୍କଳ ଜନନୀ । ୧ ।

ମହାନଦୀ  ଯା, ର ମହତ ରଖେ
ସାଧବ ପୁଅର କାହାଣୀ ଲେଖେ
ଅମର ବାଣୀ ର ଅମୃତ ଚାଖେ
ନଭ ଆଇନାରେ ମୁହଁକୁ ଦେଖେ
ଚିତ୍ରୋତ୍ପଳା, କାଠଯୋଡ଼ି,
ବ୍ରାହ୍ମଣୀ, ବୈତରଣୀ
କହେ ଅନୋଖା କାହାଣୀ
ବନ୍ଦେ ଉତ୍କଳ ଜନନୀ  । ୨ ।

ଓଠ ରେ ମହୁ ଯା କଣ୍ଠ ରେ କୁହୁ
ମାଟି ର ବୈକୁଣ୍ଠ ଯା ଲୁହ ଲହୁ
ସପନେ  ଆଙ୍କେ ଯେ ନିଦ ର ଛବି
ରାତିରେ ଚନ୍ଦ୍ରମା ଦିନରେ ରବି,
ମାଟି ରଚେ ଯା’ ର ସ୍ୱପ୍ନ
ବାରବାଟୀ ସୁଧାମୁଖୀ କୋଠି
ରଚେ ଜୀବନ କାହାଣୀ,
ବନ୍ଦେ ଉତ୍କଳ ଜନନୀ  । ୩ ।

ଜୋଛନାମୟୀ  ଯା’ ର ଆଭା ପ୍ରତିଭା
ଫୁଲ୍ଲ କୁସୁମିତ ସଜ୍ଜିତ ଗଭା
ରଚେ ଇତିହାସ  ବାଣୀ ରହସ୍ୟ
ଶେଷରେ ଆରଂଭ ,ଆରମ୍ଭେ ଶେଷ
ବାଣୀରେ  ଠାଣି ରେ କଥା
କାହାଣୀ ରେ କାହାଣେ  ଗୀତ
ଗଢେ ଅମୃତ ସରଣୀ,
ବନ୍ଦେ ଉତ୍କଳ ଜନନୀ । ୪ ।

ସମୟ ରଚେ ଯା କଥା ସାହିତ୍ୟ
ଦେଶ ଦୁନିଆର ବରଗେ  ହିତ,
କଳ କଳ ଛଳ ଛଳ ସରିତ ସିନ୍ଧୁ
ବିନ୍ଦୁ ରେ ବ୍ରହ୍ମ ଯା ବ୍ରହ୍ମରେ ବିନ୍ଦୁ
ଶୂନ୍ୟ ଶୂନ୍ୟ ମହାଶୂନ୍ୟ ର
ସେ ପାରେ ଏପାରେ ବନ୍ଧୁ !
ସୃଷ୍ଟି, ସଂରଚେ ସୃଜନୀ
ବନ୍ଦେ ଉତ୍କଳ ଜନନୀ। ୫ ।

ଗାଈଗୋଠ ନଈତୁଠ ତମାଳେ
ରଙ୍ଗ ଝରାଏ ଯେ ସଂଜ ସକାଳେ
ନିତ୍ୟ ନୂତନ ଏ ଉତ୍କଳ ମାଟି
ଏଇ ମାଟି ପରି ମାଟି ନାହିଁ ଟି
ଜୀବନେ ମରଣେ ସମ୍ପଦେ
ବିପଦେ ରୋଗ ସୁଖ ଦୁଃଖରେ
ସାଥୀ ଜୀବନ  କାରେଣୀ
ବନ୍ଦେ ଉତ୍କଳ ଜନନୀ। ୬ ।

**ତରିତୋ, କିଶୋର ନଗର, କଟକ**
**ମୋ : ୯୪୩୮୦୫୪୯୫୫**

# ସାପ

**ଶୈବାଳିନୀ ସାହୁ**

ପାଦ ଯୋଡିଏ ଥିଲା ବୋଲି
କେଉଁ ପ୍ରାଣୀ ଅବା ଲଂଘି ପାରିଲା ନିୟତିକୁ ?
ଡେଣା ହଳକର ଦମ୍ଭରେ
କେଉଁ ବେଗବାନ ବିହଙ୍ଗ ଅବା
ଚପି ପାରିଲା ଆକାଶକୁ ?
ବିନା ପାଦରେ ବି
ପ୍ରମତ୍ତ ପୁରୁଷାର୍ଥରେ
ଛାତିଏ ଦମ୍ଭରେ
ମାଟି ଠାରୁ ବିଚ୍ଛିନ୍ନ ନ ହେବାର ଟାଣ ପଣରେ
ତୁମ ତନ୍ମୟ ତରଙ୍ଗୀୟ ଗତି
ତୁମ ଉତ୍ତୋଳିତ ଫଣା ଉପରେ ପୃଥ୍ୱୀ
ଫଣାତଳେ ଆକାଶରେ ଧୂସର ଚାଇଁ
ତୁମେ ମୃତ୍ୟୁର ଅଭ୍ୟର୍ଥନା
ତଥାପି ,ତୁମେ ସୌନ୍ଦର୍ଯ୍ୟର ନୀରାଜନା ।

ତୁମେ ତ ସରୀସୃପ
ବକ୍ରୀୟ ତୁମର ପଥ ,
ହେଲେ କେଉଁ ସୌଖିନ ଯୁବରାଜ ଅବା
ସରଳ ପଥରେ ଯୁଦ୍ଧ ଲଢ଼ିଛି କୁହ
କବେ ଘଟାଇନି ରକ୍ତପାତ !!
ବଞ୍ଚିବାର ବୃତ୍ତୀୟ କାଳରେ ସମସ୍ତେ ସିଦ୍ଧକାମ
ତୀକ୍ଷଣ ଦାନ୍ତ ଓ
ସଞ୍ଚିତ ବିଷକୁ ନେଇ
କିଏ ବା ରଚିନାହିଁ  ପାପ,
ତଥାପି
ତୁମେ ହିଁ ଆକ୍ଷେପିତ ଆତଙ୍କ
ବିଷଧର ସାପ ।

---

**ସେ -ଏ ,ପ୍ଲଟ ନମ୍ବର :୯୪**
**ମେଟ୍ରୋପଲିଟିୟାନ କୋପରେଟିଭି ହାଉସିଂ ସୋସାଇଟି**
**କୋଲକାତା-୭୦୦୧୦୫**

# ଏକ ମନ ଅନେକ ଯନ୍ତ୍ରଣା

**ସୁଭାଷ ଚନ୍ଦ୍ର ପଣ୍ଡା (ଓ ଇ ଏସ)**

ଅନେକ ବାଟ ଏ ମଧ୍ୟରେ ଚାଲି ଆସିଲିଣି
ଲକ୍ଷ ବାଲିବନ୍ତ ଡେଇଁ ,
ଅନେକ ଧୂଳିର ଝଡ଼ ସହି ସାରିଲିଣି ।
ହେ ମୋ ପ୍ରିୟା ପ୍ରାଣ ପ୍ରିୟା ତୁମେ ଯିବା ପର ଦିନ ଠାରୁ
କାଟିଲିଣି ଅନେକ ସ୍ୱପ୍ନର ମାୟା ,
ଫେରିଲିଣି ଲବଙ୍ଗ ଦ୍ୱୀପର ସେଇ
ସାତ ତାଲା ମାଣିକ ନଅରୁ ।
ଅନେକ ମଧ୍ୟାହ୍ନ ବାଲି ଫୁଟି ସାରିଲାଣି
ଏ ଶରୀର ସ୍ନାୟୁରେ ସ୍ନାୟୁର ,
ବହୁଥର ଫେରିପାଇ ନିଜକୁ ମୁଁ ଭୁଲି ସାରିଲିଣି
ଅନେକ ଲୋମଶ ନୀଳ
ନୀଳ ଭୁଲତାରେ ।
ଜଉମୁଦ ଦିଆ ବହୁ କଉମୁଦି ବସନ୍ତର
ଦେହ ଲଫାପାରେ ବହୁତ ଲେଖିଛି ଚିଠି
ଧବଳ କଇଁର ସ୍ୱପ୍ନ ଦେଖିଛି ମୁଁ ଅନେକ
ନୀଳେନ୍ଦି ନୀଳ ବେଣୀର ଢେଉରେ ।
ଅନେକ ଥର ବି ମୋତେ ବନ୍ଦୀ କଲା
ଶାମୁକାର ଓଠ ଏଇ ପଳାସୀ ରଙ୍ଗର ,
ମୃଣାଳ ବାହୁର ଛନ୍ଦ,
ମୋତେ ପୁଣି ବନ୍ଦୀ କଲା ରଜନୀର ତୃତୀୟ ପ୍ରହର ।
ସମସ୍ତ ବନ୍ଧନ ଶେଷେ ଛିନ୍ନ ହେଲା
ମୋତେ କେହି ପାରିଲେନି ଧରି ,
ସବୁଠୁ ମୁଁ ଛିନ୍ନ ହେଲି ,
ଶୀର୍ଣ୍ଣ ହେଲି ,
ଅନେକ ବୟସ ଆଉ ଲୁହ ଖର୍ଚ୍ଚ କରି ।
ମୋ ରାସ୍ତାର ସବୁ ବାଲିବନ୍ତ ସବୁ ବକ୍ଷ ଉପତ୍ୟକା ଡେଇଁ ,
ଅନେକ ତରଙ୍ଗାୟିତ , ନିସ୍ତରଙ୍ଗ ମାଂସର ସମୁଦ୍ରରେ
ତୁମକୁ ଖୋଜିଲି ସତ,
ତୁମ ସତ୍ତା ନାହିଁ କାହିଁ ନାହିଁ ।
ତୁମରି ବିଳସୀ ଓଠ , ମୋନାଲିସା ହସ ଆଉ
ଭୀରୁ  ନିଶ୍ୱାସର ଅନେକ ସନ୍ଧାନ ନେଲି,
ନାହିଁ କାହିଁ ତୁମ ଶାଢ଼ୀ , କେଶ ଆଉ କଙ୍କଣ ନକଲ ।
ତୁମେ କଣ ପରୀ ହେଲ ?
ତୁମେ କଣ ରତିକାବ୍ୟ ହେଲ ସ୍ୱାମୀ ହୀନା
କେଉଁ ଏକ ସଦ୍ୟ ବିଧବାର ?
ତୁମେ କଣ କସ୍ତୁରୀର ଗନ୍ଧ ହେଲ ,
ମିଶିଗଲ ପ୍ରତ୍ୟେକ ବସ୍ତିର ଏଇ ମୋର ସ୍ଥୁଳ ଶରୀରର ?

**ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା**

# ଫଗୁଣ ଯାଇଛି ଚାଲି

**ପ୍ରଭାତ କୁମାର ନାୟକ**

ଫୁଟିଥିଲା ସ୍ମୃତି ସବୁ ଏ ମନ ଗହନ ବନେ
କେତେ ରୂପ ରଙ୍ଗ ଆଉ ବାସନା ଖେଳାଇ ,
କୋକିଳର କୁହୁ ତାନ ବଉଳ ପେଛିର ବାସ
ଝର ଝର ଝରୁଥିଲା ମନକୁ ଝୁମାଇ ।

ନଈ ପଠା ଆମ୍ବ ତୋଟା ସୋରିଷ ଫୁଲର ହସ
ଲାଗିଥିଲା ମନେ ମୋର ପ୍ରୀତିର ପାର୍ବଣ ,
ଭିଜୁଥିଲି ରାତି ରାତି ଜୋଛନାରେ ଏକା ବସି
ଗଣୁଥିଲି ତୁମ ଆସିବାର ତିଥି ବାର ଦିନ ।

ବୈଶାଖର ରୌଦ୍ରତାପ ମୋ କାନରେ କହି ଗଲା
ତୁମେ କାଳେ ଫେରିବନି ଏ ଫଗୁଣ ସାଥିରେ ,
ଶିଛିରେ ସିନ୍ଦୁର ନାଇ ପ୍ରେମକୁ କବର ଦେଇ
ସୁନା ଘର ଗଢ଼ିବକୁ ଚାଲି ଗଲ ଆଉକା ସାଥିରେ ।

ସେବେଠୁ ଜଳୁଛି ମନ ଆତ୍ମା ଇନ୍ଦ୍ରିୟ ପରାଣ
ଧୀରେ ଧୀରେ ଝାଉଁଳିଛି ପ୍ରେମ ଫୁଲ ବନ ,
କି ଅବା କରିଲି ଦୋଷ ପ୍ରେମେ ମୋ ଭରିଲ ବିଷ
ମୋ ଯଉବନ ଜଳିଗଲା ତୁମ ପାଇଁ ଜାଣ ।

ମନ ଏଠି ଛାଡି ଗଲ ଶରୀରକୁ ନେଇ ଆହା
ପାଲଟିଲ ଗନ୍ଧହୀନ ବଣର ପଳାସ ,
ଜନମ ଜନମ ପାଇଁ ପ୍ରେମ ମୋ ଅମର ରହୁ
ଏ ଜୀବନ ସରିଯାଉ ଭରି ଅବଶୋଷ ।

ଆଜି ତୁଠର ପଥର ସାଜି ନଦୀକୁ ମୁଁ ଶୁଣାଉଛି
ଦୁକୁ ଦୁକୁ ଜଳୁଥିବା ମୋ ପ୍ରେମ କାହାଣୀ ,
ଫଗୁଣ ଯାଇଛି ଚାଲି ମୋ ଆଖିରେ
ଭରି ଦେଇ ଅଶରା ଏ ଲୁହର ଶ୍ରାବଣୀ ।

**ମଧୁପୁର , ଭଦ୍ରକ , ଓଡିଶା**

----------------------------------

ସମ୍ପାଦକ ମଣ୍ଡଳୀ :
ଶ୍ରୀ ଆଶୁତୋଷ ସାମନ୍ତ ସିଂହାର
( ଆଇ ଏଫ ଏସ - ଅବସର ପ୍ରାପ୍ତ )
ମୁଖ୍ୟ ସମ୍ପାଦକ
ଶ୍ରୀ ସୁଧିରାଜ ରାଉତ
ସହ -ସମ୍ପାଦକ
ଶ୍ରୀ ଅଶୋକ ସାମନ୍ତ
ପରିଚାଳନା -ସମ୍ପାଦକ
ପ୍ରଜ୍ଞା ଉତ୍କଳ
ଚେନ୍ନାଇ,ତାମିଲନାଡୁ (ଭାରତ)

# ଅନୁପମା

**ଡକ୍ଟର ଆଭାଞ୍ଜଳୀ ଶତପଥୀ**

ସମୟର ସ୍ରୋତରେ ଭାଷି ଆସି ସ୍ୱର୍ଶ କଲା ମୋତେ,
ସେ ଅନାବିଳ ଶ୍ରଦ୍ଧା ର ପ୍ରତୀମା
ଲାସ୍ୟମୟୀ, ହାସ୍ୟମୟୀ ,ନାହିଁ ଯା'ର ଉପମା ସେ ଅନୁପମା ।
ନୟନରେ ଥିଲା ଆତ୍ମିୟ ଆଭାସ
କଣ୍ଠେ ଅନୁକମ୍ପା ର ସ୍ୱର।
ବନ୍ଦୀ କରି ହୃଦୟକୁ ପ୍ରୀତି ବନ୍ଧନରେ
ପୁଣି ଭାସିଗଲା ସମୟର ସେ ଅନୁକୁଳ ପ୍ରବାହ ରେ
ଏକ ଦିଶା ଅଭିମୁଖେ
ପାଇବାକୁ ଶାଶ୍ୱତ ଆନନ୍ଦ ର ବିଭୁତି ,
ଦିବ୍ୟ ଚେତନା ର ଅନୁଭୁତି
ପୂର୍ଣ୍ଣତା ଉପଲବ୍ଧି
ହଁ ଅନାବିଳ ଶ୍ରଦ୍ଧା ର ପ୍ରତୀମା
ଲାସ୍ୟମୟୀ, ହାସ୍ୟମୟୀ ,ନାହିଁ ଯା'ର ଉପମା- ସେ ଅନୁପମା ।

ଚେନ୍ନାଇ

# ମିଛ ମାୟା

**କେ.ନିର୍ମଳ**

ମହାଶୂନ୍ୟେ ପ୍ରଭୁ ଦେଖାଦିଅ ମୋତେ
ଅନ୍ଧକାର କରି ଦୂର,
ଜୀବନର ଯେତେ ସଙ୍କଟ ଆସିଲେ
କୃଷ୍ଣନାମ ହେଉ ସାର।

ଭାଇ ବନ୍ଧୁ ପୁତ୍ର ପତ୍ନୀ ମିଛ ମାୟା
କେହି ନୁହେଁ ଆପଣାର,
ଅନ୍ଧ ହେଇ ଏଠି ହେବି ମୁଠେ ମାଟି
ଶେଷରେ ହେବେ ସେ ଦୂର ।

ସତ୍ୟ ଧର୍ମ ନ୍ୟାୟ ପଥରେ ଅନେକ
ବାଧା ଆସେ ବାରମ୍ବାର,
ପାପ ପୂର୍ଣ୍ଣ ଏଇ ସଂସାର ଅସାର
ସତେକି ନରକ ଘୋର ।

ଆସ ଆଉ ଥରେ ଏ ଧରା ଧାମକୁ
କୃଷ୍ଣ ଭାବେ ଦେବା ଭରି,
ପୁଣି ପ୍ରତି ମନେ ଭରୁ ଭକ୍ତି ଜ୍ଞାନ
ଅସାର ଯାଉ ବାହାରି ।

ଭଦ୍ରକ, ବାସୁଦେବପୁର (ଜଗନ୍ନାଥ)
ମୋବାଇଲ:-୯୫୬୬୧୧୩୬୦୭

# ନିତ୍ୟ ନୂତନ ବ୍ୟଙ୍ଗ କବିତା :

## ନେତା ହେବ କଏ

**ଡକ୍ଟର କୃତ୍ତିବାସ ନାୟକ**

ମିଛ କହୁଥିବ ଲୁଟି ପାରୁଥିବ
ମୁହଁ ହେଇଥିବ ଖୁର ପରି,
ରଂଗ ବଦଳେଇ ଧସେଇ ପଶିବ
ଦଳପତି ନାମ ଧରି ଧରି।।।୧।।

ସେବା ଧର୍ମ କହି ନେଉଥିବ ଖାଲି
ସରକାରୀ ସୁଖ ଦୟା ଦାନ,
ଭୁଲିଥିବ ସିଏ ପାପ ପୁଣ୍ୟ ନ୍ୟାୟ
ଦେଶଭକ୍ତି ପ୍ରେମ ସ୍ଵାଭିମାନ ।।।୨।।

ପର ଦୋଷଦେଇ ଖସି ଯାଉଥିବ
ଦଳପତି ଜୟ ଜୟ କରି,
ନିର୍ବାଚନ ବେଳେ ବୁଲି ପାରୁଥିବ
ଛାଡ଼ି ପାରୁଥିବ ଘୋରରଡ଼ି। ।। ୩।।

ପୋଖରୀ ଯାକର ମାଛ ଖାଉଥିବ
ତା'ର ଓଠ ଓଦା ହେବନାହିଁ,
ନିନ୍ଦା ଅପବାଦ ଜେଲ ଯିବାକୁ
ଡର ଭୟ ଟିକେ ଥିବନାହିଁ ।।୪।।

ପାନରୁ ଟିକିଏ ଚୂନ ଖସିଗଲେ
ଛାଡ଼ି ପାରୁଥିବ ନିଜ ଦଳ,
ନିଜ ସ୍ଵାର୍ଥ ପାଇଁ ଦଳ ବିରୁଦ୍ଧରେ
ଲଗାଇ ପାରିବ ଖଳ ବଳ ।।।୫।।

ରାଜନୀତି ଅର୍ଥ ବୁଝୁ ବା ନ ବୁଝୁ
ବୋଲାଇ ପାରିବ କୁଜି ନେତା,
ବରଷାକୁ ଦେଖି ସୁବିଧା ନେବାକୁ
ବୁଲେଇ ଧରିବ ନିଜ ଛତା ।।।୬।।
୦୦୦

**ଶୈଳଶ୍ରୀ ବିହାର**
**ଭୁବନେଶ୍ୱର. ୭୫୧୦୨୧**

ଯୋଗାଯୋଗ :
ସୃଜନୀ ପରିବାର (ଚେନ୍ନାଇ )
ମୋବଇଲ :୯୪୪୫୪ ୩୨୧୦୧
**e -mail :** srujaniparivar@gmail.com
**visit :** www.hirranmayi.com

## ନେତାଙ୍କ ନୂଆବର୍ଷ ସଂକଳ୍ପ

**ଡ଼ଃ କୁଳାଙ୍ଗାର**

ନେତାଙ୍କୁ ତାଙ୍କ ଘରଣୀ କହିଲେ -
ହଇଏ ! ନୂଆ ବରଷରେ ତମେ
ନୂଆ ସଂକଳ୍ପ ଗୋଟେ ନଉନ ,
ନେତା କହିଲେ -ଯାହା ପାଇଛି
ସବୁତ ନେଇଛି
ଆଉ କ'ଣ ଦରକାର ତମେ କହୁନ ?

ଘରଣୀ କହିଲେ -ଆହେ
ପ୍ରାଣଧନ ମୋର ଅର୍ଦ୍ଧାଙ୍ଗ
ପତି - ପରମେଶ୍ୱର ;
ନୂଆ ବରଷରୁ ତମେ ଆଉ
ମିଛ କହିବନି ଏକଥା ଆଜି
ମୁଣ୍ଡ ମୋର ଛୁଇଁ ଶପଥ କର ।

ନେତା ପଚାରିଲେ - ଯଦି
ଶପଥ ନେଇକି ମିଛ ମୁଁ କହିଲି
କହିଲ ଦେଖି କ'ଣ ହେବ ?
ଘରଣୀ କହିଲେ - ସତ୍ୟରେ ଥିଲେ ମୁଁ
ମୁଣ୍ଡ ଫାଟିଯିବ
ଅଧା ବୟସରେ ଜୀବନ ଯିବ ।

ନେତା ଏଥର ସହାସ୍ୟ ବଦନେ
କହିଲେ -ଓଃହ ଏକଥା ଆଗରୁ
କାହିଁକି ମୋତେ କହିଲନି ?
ତମ ମୁଣ୍ଡ ଛୁଇଁ ଶପଥ କରୁଛି
ଆଜିଠାରୁ ଆଉ
ମିଛ ମୁଁ କାହାକୁ କହିବିନି ।

ଘରଣୀ ପୁଣି କହିଲେ -ହଇଏ !
ଆଉ ଗୋଟେ ନୂଆ ସଂକଳ୍ପରେ
ସଳଖି ଚାହିଁ ମୋ ମୁହଁକୁ ;
ଆଜିଠାରୁ ତମେ ଆଡ଼ ଆଖିରେ ବି
ଘରେ କି ବାହାରେ
ଚାହିଁବନି କୋଉ ଝିଅକୁ ।



ନେତା କହିଲେ - ଘରଣୀ ଗୋ
ତମେ ଟିଭି ଦେଖି ଦେଖି
ସାମ୍ବାଦିକ ପରି କଥା କହୁଛ ଭଲ ;
ମିଛ କହିବିନି
ନେତା ହୋଇ ମୁଁ ହେଉଥିବି କଲବଲ ।

ସଂକଳ୍ପ ନେଉଛି ନୂଆ ବରଷରେ
ଆଜି ଠାରୁ ମୁଁ ରୋଷେଇ କରିବି
ସମ୍ଭାଳିବି ଘରଦ୍ଵାର ;
ତମେ ଆଜି ଠାରୁ ନେତା ହୋଇଯାଅ
ସତ କହିବ ,ପୁଅଙ୍କୁ ନ ଚାହିଁ ଜୀବନ କାଟିବ
ମୋ ମୁଣ୍ଡକୁ ଛୁଇଁ ସଂକଳ୍ପ କର ।

**ମାର୍ଫତ : ଗାନ୍ଧୀ ପଣ୍ଡା ,**
**କଳାଘର -ଲେମ୍ବୋ**
**ଡା-ଅଲରା ,ନରସିଂହପୁର ,କଟକ**